RNI No.ODIODI/2010/33031
୧୭ ବର୍ଷ Volume-17
ISSUE -218 ସଂଖ୍ୟା-୨୧୮
ଭୁବନେଶ୍ୱର, ସୋମବାର ୧୬ ନଭେମ୍ବର ୨୦୨୬
Bhubaneswar, Monday 16 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ମାଲକାନଗିରିରେ ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ : ମୁଖ୍ୟମନ୍ତ୍ରୀଙ୍କ ୧୬୧ କୋଟିର ଭେଟି

ମାଲକାନଗିରି, ୧୫/୧୧(ନି.ପ୍ର): ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ତଥା ଜାତୀୟ ଜନଜାତୀୟ ଗୌରବ ଦିବସ ଅବସରରେ ମାଲକାନଗିରି ସହରର ଡିଏନକେ ଖେଳ ପଡ଼ିଆ ଶନିବାର ଜନସମୁଦ୍ରରେ ପରିଣତ ହୋଇଥିଲା। ସକାଳୁ ସକାଳୁ ଜିଲ୍ଲାର କୋଣ ଅନୁକୋଣରୁ ହଜାର ହଜାର ଜନଜାତି ଭାଇଭଉଣୀ, ଛାତ୍ରଛାତ୍ରୀ, ମହିଳା, ବୁଢ଼ାବୁଢ଼ୀ ପାରମ୍ପରିକ ପୋଷାକ ପିନ୍ଧି, ଢୋଲ, ନିଶାନ, ମହୁରୀ ବଜାଇ ପଡ଼ିଆରେ ପହଞ୍ଚିଥିଲେ। ପୁରା ପଡ଼ିଆ ଲୋକଙ୍କ ଭିଡ଼ରେ ଖେଳ ପଡ଼ିଆ ନୁହେଁ, ଏକ ମହାମେଳା ଭଳି ଦିଶୁଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଜିଲ୍ଲାକୁ ୧୬୧ କୋଟି ଟଙ୍କାର ପ୍ରକଳ୍ପ ଭେଟ ଦେଇଥିଲେ।ମୁଖ୍ୟମନ୍ତ୍ରୀ ପଡ଼ିଆରେ ପହଞ୍ଚିବା ମାତ୍ରେ ଲୋକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇ ଉଠିଥିଲା। ସେ ମଞ୍ଚକୁ ଯିବା ପୂର୍ବରୁ ସାଧାରଣ ଲୋକଙ୍କ ପାଖକୁ ଯାଇ ହାତ ମିଶାଇଥିଲେ। ବୁଢ଼ା ମାଉସାଙ୍କଠାରୁ ଆରମ୍ଭ କରି ଛୋଟ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହ ହସ ହସ ମୁହଁରେ କଥା ହୋଇଥିଲେ। ମୁଖ୍ୟମନ୍ତ୍ରୀ ଆସିକି ହାତ ମିଶେଇଲେ ବୋଲି ଲୋକେ ବହୁତ ଖୁସି ହୋଇଥିଲେ। ଅନେକ ଲୋକ କହିଥିଲେ, ଆମେ ଟିଭିରେ ଦେଖୁଥିବା ମୁଖ୍ୟମନ୍ତ୍ରୀଙ୍କୁ ଆଜି ପାଖରୁ ଦେଖିଲୁ, ହାତ ମିଶାଇଲୁ, ଏହା ଆମ ପାଇଁ ବଡ଼ ଗର୍ବର କଥା। କିଛି ଲୋକ ନିଜ ମୋବାଇଲରେ ଫଟୋ ଉଠାଇଥିଲେ, କିଛି ଲୋକ ହାତ ଯୋଡ଼ି ନମସ୍କାର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସରଳତା ସମସ୍ତଙ୍କ ମନ ଜିଣି ନେଇଥିଲା।



ଏହି ଭିଡ଼ ଭିତରେ ଏକ ହୃଦୟସ୍ପର୍ଶୀ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ପଡ଼ିଆ ଅଞ୍ଚଳର ନୁଆ ସନ୍ତୋଷ କୁମାର ଦୀର୍ଘ ଦିନ ହେବ ଏକ ସଡ଼କ ଦୁର୍ଘଟଣା ରୁ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି। ଚିକିତ୍ସା ପାଇଁ ଅର୍ଥ ଅଭାବରୁ ସେ ଘରେ ପଡ଼ିରହିଛନ୍ତି। ତାଙ୍କ ପରିବାର ଲୋକେ ତାଙ୍କୁ ନେଇ ଡିଏନକେ ପଡ଼ିଆକୁ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଗରେ ସେ ନିଜ ଦୁଃଖ କଥା କହିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ କଥା ଧୈର୍ଯ୍ୟର ସହ ଶୁଣିଥିଲେ। ସନ୍ତୋଷଙ୍କ ଦୁଃଖ ଶୁଣି ସେ ତୁରନ୍ତ ମଞ୍ଚରେ ଉପସ୍ଥିତ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ତାଙ୍କ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ମଧ୍ୟ ସେଠାରେ ସନ୍ତୋଷଙ୍କ ପରିବାରକୁ ଆଶ୍ୱାସନା ଦେଇ କହିଥିଲେ, ସରକାରୀ ସହାୟତାରେ ତାଙ୍କର ଚିକିତ୍ସା କରାଯିବ। ଏହା ଶୁଣି ସନ୍ତୋଷଙ୍କ ପରିବାର ଏବଂ ସେଠାରେ ଥିବା ଲୋକଙ୍କ ଆଖିରେ ଖୁସିର ଲୁହ ଆସିଯାଇଥିଲା। ଲୋକେ କହିଥିଲେ, ଏହା ହିଁ ସରକାରଙ୍କ ପ୍ରକୃତ ସେବା।

ଏହାପରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ, ଜନଜାତି ସମାଜର ସଶକ୍ତିକରଣ ବିନା ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଅସମ୍ଭବ। ବିର୍ସା ମୁଣ୍ଡାଙ୍କ ଅନ୍ୟାୟ ଓ ଶୋଷଣ ବିରୋଧରେ ସଂଗ୍ରାମ ଏବଂ ତାଙ୍କର ଐତିହାସିକ ଉଲଗୁଲାନ୍ ବିଦ୍‌ରୋହ ଆଜି ମଧ୍ୟ ଜନଜାତି ସମାଜକୁ ପ୍ରେରଣା ଯୋଗାଉଛି। ମାତ୍ର ୨୫ ବର୍ଷ ବୟସରେ ସେ ଜଳ, ଜଙ୍ଗଲ, ଜମି ରକ୍ଷା ପାଇଁ ଲଢ଼ିଥିଲେ। ତାଙ୍କ ଆଦର୍ଶକୁ ନେଇ ଆମେ ଆଗକୁ ଯିବା।

ମାଲକାନଗିରି ଜିଲ୍ଲାର ଜନସଂଖ୍ୟାର ପ୍ରାୟ ୫୮ ପ୍ରତିଶତ ଜନଜାତି ହୋଇଥିବାରୁ ଜିଲ୍ଲାର ବିକାଶକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଠାରେ କୋୟା, ଦିଦାୟୀ, ବଣ୍ଡା, କନ୍ଧ, ଗଦବା ଭଳି ଅନେକ ଜନଜାତି ବାସ କରନ୍ତି। ଦିଦାୟୀ ଓ ବଣ୍ଡା ହେଉଛନ୍ତି ବିଶେଷ ଅନୁନ୍ନତ ଜନଜାତି। ସେମାନଙ୍କ ସଂସ୍କୃତି ଓଡ଼ିଶାର ଗର୍ବ। ଆଗାମୀ ଦିନରେ ୪,୨୦୦ କୋଟି ଟଙ୍କା ବିନିଯୋଗରେ ଦୁଇଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ ବୋଲି ସେ ସୂଚନା ଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ନିଜ ମାଟିରେ କାମ ପାଇବେ।

ଏହି ଅବସରରେ ମାଲକାନଗିରି ଜିଲ୍ଲାକୁ ୧୬୧ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପ ଭେଟି ଦିଆଯାଇଥିଲା। ୫୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୮ଟି ଛାତ୍ରାବାସ ଲୋକାର୍ପିତ ହୋଇଥିବା ବେଳେ ୧୦୬ କୋଟି ଟଙ୍କାର ୩୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ଛାତ୍ରାବାସଗୁଡ଼ିକରେ ଜନଜାତି ଛାତ୍ରଛାତ୍ରୀମାନେ ସୁରକ୍ଷିତ ପରିବେଶରେ ରହି ପାଠ ପଢ଼ିପାରିବେ। ବିଶେଷ କରି ଦୂର ଗାଁରୁ ଆସୁଥିବା ଝିଅମାନଙ୍କ ପାଇଁ ଏହା ବହୁତ ସହାୟକ ହେବ। ଭିତ୍ତିପ୍ରସ୍ତର ହୋଇଥିବା ପ୍ରକଳ୍ପ ମଧ୍ୟରେ ରାସ୍ତା, ପାନୀୟ ଜଳ, ବିଦ୍ୟାଳୟ ଗୃହ, ସ୍ୱାସ୍ଥ୍ୟକେନ୍ଦ୍ର ଓ ସେତ ପ୍ରକଳ୍ପ ରହିଛି।

ଆଗାମୀ ପାଞ୍ଚ ବର୍ଷରେ ୧୯ଟି ଜିଲ୍ଲାର ୧୩୪ଟି ବ୍ଲକର ୮ ଲକ୍ଷ ଜନଜାତି ଓ ବିଶେଷ ଅନୁନ୍ନତ ଜନଜାତି ପରିବାରକୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିସହ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ଏକଲବ୍ୟ ଆବାସିକ ବିଦ୍ୟାଳୟ ଓ ଉଚ୍ଚଶିକ୍ଷାରେ ସଂରକ୍ଷଣ ମାଧ୍ୟମରେ ଜନଜାତିଙ୍କ ବିକାଶ ଉପରେ ସେ ଗୁରୁତ୍ୱ ଦେଇଥିଲେ। କୃଷି, ମାଛ ଚାଷ, ପଶୁପାଳନ, ଲଘୁ ବନଜାତ ଦ୍ରବ୍ୟ, ହସ୍ତଶିଳ୍ପ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରୋଜଗାର ବଢ଼ାଯିବ।

କାର୍ଯ୍ୟକ୍ରମରେ ଜନଜାତି ଯୁବପିଢ଼ିଙ୍କ ଶିକ୍ଷା ଓ ସଫଳତାକୁ ପ୍ରଶଂସା କରିବା ସହ ଦୁଇଜଣ ଦିଦାୟୀ ଜନଜାତିର ପିଏଚ୍?ଡି ଛାତ୍ର ଓ ଜଣେ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଦାୟୀ ଭଳି ଅତି ଅନୁନ୍ନତ ଜନଜାତିରୁ ପିଏଚ୍?ଡି କରିବା ସାଧାରଣ କଥା ନୁହେଁ। ଏହା ଅନ୍ୟ ପିଲାମାନଙ୍କ ପାଇଁ ପ୍ରେରଣା ହେବ।

ସମାରୋହରେ ବିଭିନ୍ନ ଜନଜାତି ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ଡେମସା, ଚଇତି ପର୍ବ ନୃତ୍ୟ, ବଣ୍ଡା ନୃତ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ଷ୍ଟଲଗୁଡ଼ିକରେ ଜନଜାତି ହସ୍ତଶିଳ୍ପ, ବାଉଁଶ କାମ, ମାଟି ପାତ୍ର, ଝୋଟ ବ୍ୟାଗ୍, ମହୁ, ଲାଖ, ତେନ୍ତୁଳି ଓ ଅନ୍ୟ ବନଜାତ ଦ୍ରବ୍ୟ ପ୍ରଦର୍ଶିତ ହୋଇଥିଲା।କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡକାମୀ, ମଞ୍ଜୁ ଖିଲ, ଗଙ୍ଗାଧର ସୋଡ଼ୀ, ବିଭାଗୀୟ ସଚିବ ବି. ପରମେଶ୍ୱରନ ଓ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ, ଜନଜାତୀୟ ଗୌରବ ଦିବସ କେବଳ ଗୋଟିଏ ଦିନର ଉତ୍ସବ ନୁହେଁ, ଏହା ସାରା ବର୍ଷ ଜନଜାତି ସମାଜ ପାଇଁ କାମ କରିବାର ସଂକଳ୍ପ। ସନ୍ତୋଷଙ୍କ ଭଳି ଲୋକଙ୍କ ଦୁଃଖ ଶୁଣିବା, ତାଙ୍କୁ ସହାୟତା ଦେବା ହିଁ ବିର୍ସା ମୁଣ୍ଡାଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି। ମାଲକାନଗିରିରୁ ଏହି ବାର୍ତ୍ତା ସାରା ଓଡ଼ିଶାକୁ ଯିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଡିଏନକେ ପଡ଼ିଆରେ ଲୋକଙ୍କ ଭିଡ଼ ଲାଗି ରହିଥିଲା ଏବଂ ସମସ୍ତେ ଖୁସି ମନରେ ଘରକୁ ଫେରିଥିଲେ।

ଅନୁଗୋଳ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଲକ୍ଷ୍ୟ ଆବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଅନୁଗୋଳ୧୫।୧୧(ନି.ପ୍ର.) ସ୍ଥାନୀୟ ସଭାଘରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ଗୃହ ଆବଣ୍ଟନ ଲକ୍ଷ୍ୟଧାର୍ଯ୍ୟ ଘୋଷଣା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ କରାଯାଇଥିବା ବେଳେ ଅନୁଗୋଳଠାରେ ଏହାର ଆଭାସୀ (ଭରଚୁଆଲ୍) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ମାନ୍ୟବର ପାଳଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ



ଯୋଜନାର ଲକ୍ଷ୍ୟଧାର୍ଯ୍ୟ ବିଷୟରେ ଅବଗତ କରାଇବା ସହ ସରକାରଙ୍କ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗଷ୍ଟି ବେହେରା ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ମାନ୍ୟବର ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର,ଅନୁଗୋଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ନିର୍ବାହୀ ଅଧିକାରୀ ଡ଼. ଗୌରବମୟ ପ୍ରଧାନ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣଙ୍କ ସମେତ ବିଭାଗୀୟ ଅଧିକାରୀ ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ। ସଭା କାର୍ଯ୍ୟକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମାନସ ରଞ୍ଜନ ଭଞ୍ଜଦେଓ ପରିଚାଳନା କରିଥିଲେ।

ଗଣ୍ଡାବଜା ଆମ ପ୍ରଥା ପରଂପରା ଓ ସଂସ୍କୃତି ର ଏକ ଅଂଗ, ଏହାର ସୁରକ୍ଷା ହେଲେ ହିଁ ଆମ ସଂସ୍କୃତି ସୁରକ୍ଷିତ ରହିବ : ନରସିଂହ

ବଲାଙ୍ଗିର, ୧୫।୧୧(ନି.ପ୍ର.)- ଆବହମାନ କାଳରୁ ଗଣ୍ଡାବଜା ଆମର ସାମାଜିକ, ସଂସ୍କୃତିକ କାର୍ଯ୍ୟକ୍ରମମାନଙ୍କରେ ଏକ ଅଂଗ ହୋଇ ରହିଛି । ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକେ ଗଣ୍ଡାବଜା ଖୋଜିଥାନ୍ତି । ଏହା କେବଳ ଏକ ବାଦ୍ୟ ନୁହେଁ ଏହି ବାଦ୍ୟ ଦ୍ୱାରା ଆମର ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏହାର ପରିବେଶ କୁ ପବିତ୍ର କରାଯାଇଥାଏ । ଏହି ବାଦ୍ୟ ଆମ ଭିତରେ ଥିବା ଅସ୍ପୃଶ୍ୟତା, ଜାତିଭେଦ, କୁସଂସ୍କାର କୁ ଭୁଲିଯିବାକୁ ବାଧ କରିଥାଏ । ତେଣୁ ଗଣ୍ଡାବଜା ହେଉଛି ଆମ ପ୍ରଥା, ପରଂପରା ଓ ସଂସ୍କୃତିର ଏକ ଅଭିଚ୍ଛେଦ୍ୟ ଅଙ୍ଗ ବୋଲି ଗଣ୍ଡାବଜା ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଗଣ୍ଡାବଜା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ଗଣ୍ଡାବଜା ମହୋତ୍ସବ କମିଟିର ଆବାହକ ଡ. ଅର୍ଜୁନ ମୁଗ୍ରୀ ଏବଂ ସଂସ୍କୃତି ଗବେଷଣ ତରଣିସେନ ଦୀପ ଙ୍କ ସଭାପତିତ୍ୱରେ କଳାମଣ୍ଡଳ ପଡିଆ ରେ ଅନୁଷ୍ଠିତ 'ଗଣ୍ଡାବଜା ମହୋତ୍ସବ ୨୦୨୬' ଅବସରରେ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ଅସ୍ପୃଶ୍ୟତା ହେଉଛି ସମାଜରେ ଏକ କଳଙ୍କ । ନିଜ ଜିବନରେ ସେ କେବେ ବି ଅସ୍ପୃଶ୍ୟତା, ଜାତିପ୍ରଥା ଦ୍ୱାରା ପ୍ରଭାବିତ ହୋଇନଥିବା ଶ୍ରୀ ମିଶ୍ର କହିଥିଲେ । ଛୁଆଁ ଅଛୁଆ ଭେଦଭାବ ସମାଜର ବିକାଶ ପଥରେ ବାଧା ସୃଷ୍ଟି କରିଥାଏ । ତେଣୁ ଗଣ୍ଡାବଜାକୁ ଆଦରି ନେଇଥିବା ସମାଜ କେବେବି ନିଜକୁ ଅନ୍ୟ ଜାତି ସମ୍ମୁଖରେ ଗୌଣ ଭାବନ୍ତୁ ନାହିଁ । ଏହା ହେଲେ ହିଁ ଗଣ୍ଡାବଜାକୁ ଆଦରି ଥିବା ସମାଜ ଓ ଗଣ୍ଡାବଜାର ଆହୁରି ଆଦୃତ ଓ ବିକାଶ କରିବ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଂଜନ ମିଶ୍ର ଯୋଗ ଦେଇଥିଲେ । ପୂର୍ବାହ୍ନରେ ସାମାଜିକ ନେତା ସତ୍ୟାନନ୍ଦ ସୁନା, ଓମ୍ ପ୍ରକାଶ କୁମ୍ଭାର, ପୁଇଁନ୍ତଲା ବ୍ଲକ ଅଧକ୍ଷ ସରୋଜ କୁମାର ପ୍ରଧାନ, ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଲ ଓ କଣ୍ଠଶିଳ୍ପୀ ନବୀନ କୁଅଁର ଙ୍କ ଦ୍ୱାରା ମଂଚ ଉଦ୍‌ଘାଟନ ହୋଇଥିଲା ଓ ପରେ ପରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦ ଗୋଟି ଗଣ୍ଡାବଜା ଦଳ ସହର ପରିକ୍ରମା ସହ କବି ସୁରେଶ ବାରିକ ଙ୍କ ପରିଚଳନାରେ କବିତା ପାଠୋତ୍ସବ ଏବଂ ବନବିହାରି ମୁନା ଓ ସୁଶ୍ରୁତା ଗଉଡଙ୍କ ସଂଯୋଜନାରେ ସାଂସ୍କୃତିକ ଦଳମାନେ ଗଣ୍ଡାବଜା ପରିବେଷଣ କରିଥିଲେ । ସାନ୍ଧ୍ୟ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ନବୀନ କୁଅଁର, ବିଶି, ଟିକୁ, ଜନ୍ମ, ରୋହନ ଙ୍କ ସହ ଦଣ୍ଡ ଜଗତର ଗୁରୁ ବିପିନ ଜାଲ ଏବଂ ଦଣ୍ଡ କଳାକାର ଯଶୋବନ୍ତ କୁମ୍ଭାର ଲୋକଗୀତ ପରିବେଷଣ କରିଥିଲେ । କୁନା ବାଗ ଙ୍କ ସଂଯୋଜନାରେ ହୋଇଥିବା "ଗଣ୍ଡାବଜାର ଅତିତ ବର୍ତ୍ତମାନ ଓ ଭବିଷ୍ୟତ" ଶିର୍ଷକ ରେ ସଂସ୍କୃତି ଗବେଷକ କିର୍ତ୍ତନ ଦିପ, ଡ. ନିଲାଂଚଳ ନନ୍ଦ ଓ ବିପିନ ବିହାରି ବାରିକ ଆଲୋଚକ ଭାବେ ନିଜ ମତବ୍ୟକ୍ତ କରିଥିଲେ । ଉପସଭାପତି ସୀତାରାମ କୁମ୍ଭାର ଏବଂ ଜନ୍ମ ବାରିକ ଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶମ୍ଭୁ ନାଗ, ଜ୍ୟୋତିଷ ମୁଗ୍ରୀ, ବାସୁଦେବ ମୁଗ୍ରୀ, ଅଚ୍ୟୁତାନନ୍ଦ ବିଶ୍ୱାଲ ପ୍ରମୁଖ ଗଣ୍ଡାବଜାର ସଂସ୍କୃତି ଓ ସୁରକ୍ଷା ଉପରେ ନିଜ ମତ ଦେଇଥିଲେ । ଏ ଅବସରରେ ଘୁଙ୍ଗୁରୁ କଳା ପରିଷଦ, ବଜାଶାଲ ସମେତ ବିଭିନ୍ନ ଲୋକନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ । ଉତ୍ସବରେ ନେପାଲ ବାଗ, ଭୁବନ ନାଗ, ପବିତ୍ର ନାଗ, କିଶୋର କୁମ୍ଭାର, ସିମାଇ ଦିପ, ରାମଚନ୍ଦ୍ର ଦିପ, ବାଳିଚରଣ ବାରିକ, ପିତାମ୍ବର ବାରିକ, ଶଙ୍କର ନନ୍ଦ, ଲୋକନାଥ ସୁନା, ଏନ୍‌ଏସ୍‌ଡିଏନ୍ ରାମ ଚନ୍ଦ୍ର ସାହୁ, ଅଭିନେତା ହିମାଂଶୁ ଖମାରୀ, ନାଟ୍ୟକାର ପ୍ରକାଶ ଥନାପତି, ଚୈତନ୍ୟ ପାଇକ, ଲମ୍ବୋଦର ଟାକ୍ରି, ବିଜୟ ବାରିକ, କାନ୍ତିଲାଲ ମୁଗ୍ରୀ, ନଟରାଜ ନାଗ, ବାସନ୍ତି ନନ୍ଦ, ଜ୍ୟୋସ୍ନା ଗରୁଡ, ଲିଙ୍ଗରାଜ ବରିହା, ଅଶୋକ ହରିପାଲ, ପଂଚାନନ ସେଠ, ଜପ ମୁଗ୍ରୀ ପ୍ରମୁଖ ସହଯୋଗିତା କରିଥିବା ବେଳେ ସଂପାଦକ ଅଶୋକ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।



କୁକୁଡ଼ାଖଣ୍ଡିରେ ସାମାଜିକ ସୁରକ୍ଷା ଭତା ବଂଟନ କାର୍ଯ୍ୟକ୍ରମ

କୁକୁଡ଼ାଖଣ୍ଡି, ୧୫।୧୧(ନି.ପ୍ର.): ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନର ପରାମର୍ଶକ୍ରମେ ଶନିବାର କୁକୁଡ଼ାଖଣ୍ଡି ବ୍ଲକ ନୂତନ ବୈଠକ ଗୃହ ପରିସରରେ ଏକାକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ (ୟୁପିଏମ୍‌ପି)ର ଶୁଭାରମ୍ଭ ଉତ୍ସବ ସହ ନୂତନ ଭତା ଭତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ସହ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ପହଂଚାଇବା ଲକ୍ଷ୍ୟରେ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ଭତା ଯୋଜନାରେ ସାମିଲ କରାଯାଇଛି। ମଧୁବାବୁ ପେନସନ ଯୋଜନାରେ କୁକୁଡ଼ାଖଣ୍ଡି ବ୍ଲକ ପରିସରଭୁକ୍ତ ୨୨ଟି ପଂଚାୟତ ତଥା ଅନନ୍ତେଇ୧୭୩, ଆଙ୍କୁଶପୁର ୧୪୭,ବାଘଲଟୀ ୭୬, ବାଲିପଡ଼ା ୧୦୨,ବଡୁପଲ୍ଲୀ ୯୨, ବଉଳଖୋଳି ୭୮, ବୋରିଗାଁ୧୨୧, ଡ଼େଙ୍ଗାପଦର ୯୫,ଦକ୍ଷିଣପୁର ୧୧୧ ଗୁରୁଣ୍ଡି ୧୨୭, ହୁଗୁଳାପଟା ୧୭୭, ଜଗଦଳପୁର ୪୨, କଙ୍କିଆ ୧୫, କୁକୁଡ଼ାଖଣ୍ଡି ୧୯୮, ଲାଞ୍ଜିଆ ୮୪, ଲାଠୀ ୧୧୩, ଲୋଚାପଡ଼ା୨୪୮, ମହିନ୍ଦାଖାଲି ୭୪, ମହୁଡ଼ା ୩୭, ନିମଖଣ୍ଡି ୭୦, ରେହିଗାଁ ୭୪, ସିନ୍ଦୁଳା ୧୫୫, ନୂତନ ଭାବେ ୨୪୦୯ ଜଣ ନୂତନ ହିତାଧିକାରୀ ସାମିଲ ହୋଇଥିବା ଜଣାପଡିଛି।

କଂଗ୍ରେସର ଭୋଟ ବଞ୍ଚାଅ ଦେଶ ବଞ୍ଚାଅ ଅଭିଯାନ

ପାରାଦ୍ୱୀପ୧୫।୧୧(ନି.ପ୍ର.)ଜାତୀୟ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଭୋଟ ବଞ୍ଚାଅ ଓ ଦେଶ ବଞ



ଗୋଲିଆ ଗାଁରେ ଅଷ୍ଟ ପ୍ରହର ନାମଯଜ୍ଞ , ବହୁ ଶ୍ରଦ୍ଧାଳୁଙ୍କ ସମାବେଶ

ବୁଗୁଡା,୧୫।୧୧ :(ମନ୍ଥନ)ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମର ତେଲୁଗୁ ସାହିରେ ଶ୍ରୀ ଲଙ୍ଗଳେଶ୍ୱର ପାଠାଗାର ପକ୍ଷରୁ ପବିତ୍ର ଦୀପାବଳି ଦିବସରୁ ଆୟୋଜିତ ମା' ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଅବସରରେ ଶନିବାର ପ୍ରାତଃକାଳରୁ ଅଷ୍ଟ ପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଯାଇଛି । ଉକ୍ତ ନାମଯଜ୍ଞରେ କୁଆଁନଳା , ବାଦୁଆ, ଭାମଶ୍ୟାଳି, ଗୋଲିଆର ବଡସାହି ଓ ତେଲୁଗୁସାହି



ଆଦିର ପାଞ୍ଚଟି ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିବା ବେଳେ ପୁରୋହିତ ପ୍ରମୋଦ କୁମାର ହୋତା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ ଏବଂ ନଳିନୀ କାନ୍ତ ଦୋରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ନାମଯଜ୍ଞରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ପାଠାଗାର ସଦସ୍ୟଗଣ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

ଜାତୀୟ ପ୍ରେସ ଦିବସରେ ଉତ୍କଳ ମିଡିଆ ସାମ୍ବାଦିକ ସଂଘର ମହତ୍ କାର୍ଯ୍ୟ

ରାୟଗଡ଼ା,୧୫।୧୧ :(ମନ୍ଥନ) ଜାତୀୟ ପ୍ରେସ ଦିବସ ଅବସରରେ ଉତ୍କଳ ମିଡିଆ ସାମ୍ବାଦିକ ସଂଘ, ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ଏକ ମହତ୍ ଓ ଜନହିତକର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଶକ୍ତି ବୃଦ୍ଧାଶ୍ରମରେ ରହୁଥିବା ୨୫ ଜଣ ଅନ୍ତେବାସୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇ ସେମାନଙ୍କ ସହ କିଛି ଆତ୍ମୀୟ ମୁହୂର୍ତ୍ତ ବିତାଇଥିଲେ ସଂଘର ସଦସ୍ୟମାନେସାମ୍ବାଦିକତା କେବଳ ସମ୍ବାଦ ପରିବେଷଣ ମଧ୍ୟରେ ସୀମିତ ନ ରହି ସମାଜର ଅବହେଳିତ, ଅସହାୟ ଓ ଅନୁନ୍ନତ ବର୍ଗଙ୍କ ସେବାରେ ମଧ୍ୟ ନିଜକୁ ସାମିଲ କରିବା ଉଚିତ। ଏହି ମହତ୍ ଉଦ୍ଦେଶ୍ୟକୁ ଆଧାର କରି ସଂଘ ପକ୍ଷରୁ ପ୍ରତିବର୍ଷ ଜାତୀୟ ପ୍ରେସ ଦିବସକୁ ସମାଜସେବାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଇଆସୁଛିଏଥିସହ ରାୟଗଡ଼ା ଜିଲ୍ଲାର ଉପାନ୍ତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭ । ଷ । ର



ପ୍ର ଚ । ର , ପ୍ରସାର ଓ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସଂଘ ପକ୍ଷରୁ ଛବିଳ ମଧୁ ବର୍ଣ୍ଣବୋଧ, ଲିଖନୀ ପୁସ୍ତିକା, ପେନ୍ସିଲ, ରବର ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ସେହିପରି ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ସହଯୋଗର ହାତ ବଢ଼ାଇ ରାୟଗଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ବିଭିନ୍ନ କିସମର ବୃକ୍ଷରୋପଣ କରିବା ସହ ଜିଲ୍ଲାର ବିଭିନ୍ନ ସାମାଜିକ ଓ ଜନକଲ୍ୟାଣମୂଳକ କାର୍ଯ୍ୟରେ ସଂଘର ସଦସ୍ୟମାନେ ସକ୍ରିୟ ଭାବେ ଯୋଗଦାନ କରିଆସୁଛନ୍ତିଉତ୍କଳ ମିଡିଆ ସାମ୍ବାଦିକ ସଂଘର ରାୟଗଡ଼ା ଜିଲ୍ଲା ସଭାପତି ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସତ୍ୟ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସମାଜସେବୀ ଜଗଦୀଶ ସୁନି ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଭୟ ଅତିଥି ସଂଘର ଏଭଳି ମାନବିକତାପୂର୍ଣ୍ଣ ଓ ଜନହିତକର ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ ଏହି ଧାରା ଆଗକୁ ଜାରି ରହୁ ବୋଲି ମତ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ମନୋଜ ସାହୁ, ଉପଦେଷ୍ଟା କେ. କ୍ରିଷ୍ଣାମୂର୍ତ୍ତି, ସଭ୍ୟ ଗିରିଶ ଶେଖର ରଥ, ହରିନାରାୟଣ ଦାସ, ସର୍ବଣା କୁମାର, ମଞ୍ଜୁ ଦତ୍ତସେନା ଓ ବିଶ୍ୱଜିତ ଜେନାଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିଅନର କାର୍ଯ୍ୟକାରିଣୀ ବୈଠକ ଓ ଦ୍ୱିବାର୍ଷିକୀ ନିର୍ବାଚନ ଅନୁଷ୍ଠିତ

ଜଗତସିଂହପୁର,୧୫।୧୧ :(ମନ୍ଥନ)ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିଅନର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଓ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ । ଜଗତସିଂହପୁର ସଦରମହକୁମାସ୍ଥିତ ଆରଆଣ୍ଡବି ଡାକବଙ୍ଗଳା ପରିସରରେ ଓୟୁଜେ ରାଜ୍ୟ ସାଂଗଠନିକ ସମ୍ପାଦକ ବରିଷ୍ଠ ସାମ୍ବାଦିକ ଶୁଭଙ୍କର ଜେନାଙ୍କ ସଭାପତିତ୍ୱରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବା ସହ ଦ୍ୱିବାର୍ଷିକ ନିର୍ବାଚନ



ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠିତ ବୈଠକରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକଳାପ ଆଲୋଚନା ସହ ସାମ୍ବାଦିକ ସୁରକ୍ଷା ,ପେନସନ ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ କର୍ମକର୍ତା ନିର୍ବାଚନ କରାଯାଇଥିଲା । ଜିଲ୍ଲା କର୍ମକର୍ତା ନିର୍ବାଚନରେ ଉପଦେଷ୍ଟାଭାବେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ , ନକୁଳ ଚନ୍ଦ୍ର ବିଶ୍ୱାଳ ,ରାମଚନ୍ଦ୍ର ସ୍ୱାଇଁ , ଶୁଭଙ୍କର ଜେନା ,ଭଗବାନ ମହାନ୍ତି ,ଅକ୍ଷୟ ଦାସ , ସଭାପତି ଭାବେ ରମାକାନ୍ତ ଦାସ ,ସାଧାରଣ ସମ୍ପାଦକଭାବେ ସୁବ୍ରତ କୁମାର ନାୟକ ,କୋଷାଧକ୍ଷଭାବେ ପ୍ରତାପ କୁମାର ସିଂହ ନିର୍ବାଚିତ ହୋଇଥିବାବେଳେ ଉପସଭାପତିଭାବେ ବୈଷ୍ଣବ ରାଉଳ ,ଗୌରାଙ୍ଗ ଚରଣ ସ୍ୱାଇଁ ସହସମ୍ପାଦକଭାବେ କମଳାକାନ୍ତ ବାରିକ ,ସୁଶାନ୍ତ କୁମାର ରାଉତ ,ଅଭିମନ୍ୟୁ ସାହୁ ,ମନୋଜ ନାୟକ ,ତାପସ ଦାସ ଅଶୋକ ରାୟ ,ଦେବେନ୍ଦ୍ର ମଲ୍ଲିକ ଓ ମୁଖ୍ୟ ସଂଗଠନ ସମ୍ପାଦକଭାବେ ରବୀନ୍ଦ୍ର ମଲ୍ଲିକ ,ସହ ସଂଗଠନ ସମ୍ପାଦକ ଭାବେ ପ୍ରଫୁଲ ସାହୁ ,ଉମାକାନ୍ତ ପାତ୍ର ସମର ବେହୁରା ,ସନ୍ତୋଷ ସାହୁ ଓ କାର୍ଯ୍ୟକାରିଣୀ ସଦସ୍ୟଭାବେ ସୁଧାକର ଜେନା , ରଶ୍ମିକାନ୍ତ ପାଢ଼ୀ ,ପିଣ୍ଟୁ ମୁଦୁଲି ,ଅମ୍ବିକାପ୍ରସାଦ ମହାପାତ୍ର,ମନୋଜ ସାହୁ ସହ ସୋସିଆଲ ମିଡିଆ ସଂଯୋଜକଭାବେ ବିଶ୍ୱରଂଜନ ବିଶ୍ୱାଳ, ଚନ୍ଦନ ପରିଡା ,ମାନସ କୁମାର ସ୍ୱାଇଁ ନିର୍ବାଚିତ ହୋଇଥିବା ବେଳେ ବ୍ଲକ ସଂଯୋଜକ ଭାବେ ଅଜିତ ଓଝା ,ମଳୟ ପାଣି , ନୃସିଂହ ମଲ୍ଲାକ ,ଭଗବତ ପ୍ରସାଦ ,ସୁଶାନ୍ତ ମହାନ୍ତି ନିର୍ବାଚିତ ହୋଇଥିଲେ । ଏବଂ ଆଇନ ପରାମର୍ଶ ଦାତା ଭାବେ ବରିଷ୍ଠ ଆଇନଜୀବୀ ନରେଶ ଦାସ ଓ ଦୀପ୍ତୁ ଖଟୁଆଙ୍କୁ ମନୋନୀତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଥି ସହିତ ଆଗାମୀ ଦିନରେ ୟୁନିଅନକୁ ଜିଲ୍ଲାରେ ସୁଦୃଢ଼ କରିବା ନିମନ୍ତେ ସମସ୍ତେ ସଂକଳ୍ପ ନେଇଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ ବୈଷ୍ଣବ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

ଟାଟା ଷ୍ଟିଲ୍ କଳିଙ୍ଗନଗରରେ 'ଆଇରନ୍ ଓ ଷ୍ଟିଲ୍ ପ୍ଲାଣ୍ଟରେ ସୁରକ୍ଷା' ଶୀର୍ଷକ ରାଜ୍ୟସ୍ତରୀୟ ତାଲିମ ଶିବିର

କଳିଙ୍ଗନଗର,୧୫।୧୧ :(ମନ୍ଥନ) ଏକ ଅଧିକ ସୁରକ୍ଷିତ ଏବଂ ଦୀର୍ଘସ୍ଥାୟୀ ଇସ୍ପାତ ଶିଳ୍ପ ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଶୁକ୍ରବାର ପ୍ଲଟ୍-୨ ଅଡିଟୋରିୟମ୍ଠାରେ 'ଆଇରନ୍ ଏବଂ ଷ୍ଟିଲ୍ ପ୍ଲାଣ୍ଟ ରେ ସୁରକ୍ଷା' ବିଷୟବସ୍ତୁ ଉପରେ ଏକ ଦିନିକିଆ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଡାଇରେକ୍ଟୋରେଟ୍ ଅଫ୍ ଫ୍ୟାକ୍ଟୋରିଜ୍ ଆଣ୍ଡ ବଏଲର୍ସ ଏବଂ ଷ୍ଟେଟ୍ ଲେବର୍ ଇନଷ୍ଟିଚ୍ୟୁଟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଆଇରନ୍ ଏବଂ ଷ୍ଟିଲ୍ କମ୍ପାନୀର ପ୍ରାୟ ୨୦୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହା ବ୍ୟବହାରିକ ଜ୍ଞାନ ବାଣ୍ଟିବା, ଅଭିଜ୍ଞତା ଆଦାନପ୍ରଦାନ କରିବା ଏବଂ କର୍ମକ୍ଷେତ୍ରରେ ସୁରକ୍ଷା ମାନଦଣ୍ଡକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା।ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶାର ଡାଇରେକ୍ଟୋରେଟ୍ ଅଫ୍ ଫ୍ୟାକ୍ଟୋରିଜ୍ ଆଣ୍ଡ ବଏଲର୍ସ ର ଡାଇରେକ୍ଟର, ଶ୍ରମ କମିଶନର ତଥା ରାଜ୍ୟ ଶ୍ରମ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଇନ୍ଦ୍ରମଣି ତ୍ରିପାଠୀ (ଆଇଏଏସ୍) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚାସୀନ ଅନ୍ୟ ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ଭୁବନେଶ୍ୱରସ୍ଥିତ ଡାଇରେକ୍ଟୋରେଟ୍ ଅଫ୍



ଫ୍ୟାକ୍ଟୋରିଜ୍ ଆଣ୍ଡ ବଏଲର୍ସ ଉପ-ନିର୍ଦ୍ଦେଶକ (ସୁରକ୍ଷା) ଡ. ମଳୟ ପ୍ରଧାନ, ଯାଜପୁର ଡିଭିଜନ୍ ?ର ଉପ-ନିର୍ଦ୍ଦେଶକ ଇଂ ଉମେଶ ଚନ୍ଦ୍ର ସୂତାର, ଯାଜପୁର ଜୋନ୍ ?ର ସହକାରୀ ନିର୍ଦ୍ଦେଶକ ଇଂ ଦେବାଶିଷ ନାୟକ, କେନ୍ଦୁଝର ଜୋନ୍ର ସହକାରୀ ନିର୍ଦ୍ଦେଶକ ଇଂ କେଦାରନାଥ ହାଁସଦା ଏବଂ ବାଲେଶ୍ୱର ଜୋନ୍ ?ର ସହକାରୀ ନିର୍ଦ୍ଦେଶକ ଇଂ ଶୁଭଶ୍ରୀ ଦୀପାଳି ମୁଦୁଲି ଉପସ୍ଥିତ ଥିଲେ। ଟାଟା ଷ୍ଟିଲ୍ କଳିଙ୍ଗନଗରର ବରିଷ୍ଠ ନେତୃବୃନ୍ଦ, ଯଥା ଚିଫ୍ ଅଫ୍ ଆଇରନ୍ ମେକିଂ ଶ୍ରୀ ସୁବାସ କୁମାର ସିହ୍ନା ଏବଂ ପ୍ରୋଜେକ୍ଟସ୍ ଆଣ୍ଡ କନଷ୍ଟ୍ରକ୍ସନ୍ (ଓଡ଼ିଶା ଓ ମହାରାଷ୍ଟ୍ର) ର ଜେନେରାଲ୍ ମ୍ୟାନେଜର୍ ଶ୍ରୀ ହରବିନ୍ଦର ସିଂହ ଦୀପକ ମଧ୍ୟ ଉପସ୍ଥିତ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଥିଲେ।ଦିନବ୍ୟାପୀ ପ୍ଲଟ୍-୨ ଅଡିଟୋରିୟମ୍ ଏବଂ ସେଫ୍ଟି ଲିଡରସିପ୍ ଡେଭଲପ୍‌ମେଣ୍ଟ ସେଣ୍ଟର୍ (ଏସଏଲଡିସି) ଅଡିଟୋରିୟମ୍‌ରେ ଆୟୋଜିତ ବୈଷୟିକ ଅଧିବେଶନଗୁଡ଼ିକରେ ପ୍ରମୁଖ ଶିଳ୍ପ ବିଶେଷଜ୍ଞମାନେ ସୁରକ୍ଷା ସମ୍ବନ୍ଧୀୟ ଆହ୍ୱାନ ଏବଂ ଆଧୁନିକ ସମାଧାନ ଉପରେ ଆଲୋଚନା କରିଥିଲେ। ଏଥିରେ ବିଦ୍ୟୁତ ସୁରକ୍ଷା, ଫର୍ଣ୍ଣସ୍ ପରିଚାଳନା, ହଟ୍ ମେଟାଲ୍ ପରିଚାଳନା ଠାରୁ ଆରମ୍ଭ କରି ଡାଇରେକ୍ଟ ରିଡ୍ୟୁସ୍ଡ ଆଇରନ୍ (ଡିଆରଆଇ) ଉତ୍ପାଦନ ଏବଂ ଷ୍ଟିଲ୍ ମେଲ୍ଟିଂରେ 'ଶୂନ୍ୟ-କ୍ଷତି' ଲକ୍ଷ୍ୟ ହାସଲ କରିବା ଭଳି ବିଷୟଗୁଡ଼ିକ ସ୍ଥାନ ପାଇଥିଲା। ଡିଜିଟାଲ୍ ରୂପାନ୍ତରଣ, ଅତ୍ୟାଧୁନିକ ବ୍ଲାଷ୍ଟ ଫର୍ଣ୍ଣ ?ସ୍ ପ୍ରଯୁକ୍ତିବିଦ୍ୟା ଏବଂ ସ୍ମାର୍ଟ ବିପଦ ପରିଚାଳନା କିପରି ଦୁର୍ଘଟଣା ଘଟିବା ପୂର୍ବରୁ ତାହାକୁ ରୋକିବାରେ ସହାୟକ ହେଉଛି, ସେ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ।କେବଳ ସାଧାରଣ ନିୟମ ପାଳନ ମଧ୍ୟରେ ସୀମିତ ନରହି ଆଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏକ ସକ୍ରିୟ ଏବଂ ଲୋକ-କୈନ୍ଦ୍ରିକ ସୁରକ୍ଷା ବ୍ୟବସ୍ଥା ଆପଣାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଏଭଳି ପଦକ୍ଷେପ ମାଧ୍ୟମରେ ଟାଟା ଷ୍ଟିଲ୍ କଳିଙ୍ଗନଗର ନିଜର ସୁରକ୍ଷା ଦକ୍ଷତାକୁ କାରଖାନା ପରିସର ବାହାରକୁ ବିସ୍ତାର କରିବା ସହ ସମଗ୍ର ଶିଳ୍ପ ଜଗତରେ ସୁରକ୍ଷା ମାନଦଣ୍ଡକୁ ଉନ୍ନତ କରିବା ପାଇଁ ପାରସ୍ପରିକ ସହଯୋଗକୁ ପ୍ରୋତ୍ସାହିତ କରିଆସୁଛି।

ପଣ୍ଡିତ ନେହେରୁଙ୍କ ଜନ୍ମ ଜୟନ୍ତୀ ପାଳନ

ଜଗତସିଂହପୁର,୧୫।୧୧ :(ମନ୍ଥନ) ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ନଟବର ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା କଂଗ୍ରେସ ଓବିସି ସେଲ୍ ସଭାପତି ଭାଗ୍ୟଧର ଜେନା, ଯୁବନେତା ମାନସ କୁମାର ରଥ,ଇଂ ବେଦଦ୍ୟୁତି ପୃଷ୍ଟି, ଅବନୀକାନ୍ତ ମହାରଣା,ମନୋରଞ୍ଜନ ମହାନ୍ତି, ଅକ୍ଷୟ କୁମାର ଜେନା, ସୂର୍ଯ୍ୟକାନ୍ତ ପରିଡ଼ା,ଶିବ ପ୍ରସାଦ ବେହେରା,ଅଜୟ କୁମାର ମହାପାତ୍ର, ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନେହେରୁ ଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ସ୍ୱାଧୀନତା ସଂଗ୍ରାମରେ ନେହେରୁ ଜୀଙ୍କ ତ୍ୟାଗ ଓ ନୂତନ ଭାରତ ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା।

ଓମ ଶିଶୁ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ,୪୯ ଷ୍ଟଲ ପ୍ରଦର୍ଶିତ

ମୋରଡ଼ା,୧୫।୧୧ :(ମନ୍ଥନ)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦେଉଳି ସ୍ଥିତ ଓ ମଶିଶୁ ଶିକ୍ଷା କେନ୍ଦ୍ର ରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଚାଚା ନେହେରୁଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ସମସ୍ତେ ଶିଶୁଦିବସ ସଂପର୍କରେ ମନ୍ତବ୍ୟ ରଖିଥିଲେ । ତାପରେ ବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ କୁମାର ବେହେରା ବିଜ୍ଞାନ ମେଳାକୁ ଫିତା କାଟି ଉଦ୍ ?ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଚନ୍ଦ୍ରିକା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଶୁଳିଆପଦା



ତହସିଲଦାର ନ । ର । ଣ ହେମ୍ବ୍ରମ ଓ ତ । ଙ୍କ ସହଧର୍ମିଣୀ ଶାନ୍ତିପ୍ରିୟା ମୁର୍ମୁ ଯୋଗ ଦେଇ ପିଲାଙ୍କୁ ବିଜ୍ଞାନର ଉପକାରିତା ସଂପର୍କରେ ଓ ବିଜ୍ଞାନ ଆଗେଇଲେ ଦେଶ ଆଗେଇବ ଦେଶ ଆଗେଇଲେ ଆମେ ଆଗେଇ ବା ବୋଲି ଉଦ୍ ?ବୋଧନ ଦେଇଥିଲେ । ସମ୍ମାନୀୟ ଅତିଥିମାନେ ବିଜେପିର ୫୩ ନଂ ଜୋନର ମଣ୍ଡଳ ସଭାପତି ମନୋଜ କୁମାର ଦା ଯୋଗ ଦେଇ ଭଲ ମଣିଷ ହେବାକୁଆହ୍ୱାନ ଦେଇଥିଲେ । ବିଜେପିର ଅନ୍ୟତମ ଯୁବ ପ୍ରତିଭା ଅନ୍ତର୍ଯ୍ୟାମୀ କାନୁନଗୋ ଯୋଗଦେଇ ପିଲାଙ୍କୁ ଆଜିର ଶିଶୁ ଦିବସ ଓ ବିଜ୍ଞାନ ମେଳା ବିଷୟ ରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀଅର୍ଚ୍ଚନା ଟିପିରିଆ, ପ୍ରଜ୍ଞା, ବାସନ୍ତୀ, ସୁଦେବୀ, ମାମି, ବିଷ୍ଣୁ, ଲକ୍ଷ୍ମୀ, ମମତା, ମୀନତି, ମାନସୀ, ମନ୍ଦାକିନୀ , ସସ୍ମିତା, ବିଜ୍ଞାନ ମେଳାରେ ସହଯୋଗ କରିଥିଲେ । ମେଳାରେ ୪୯ଟି ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା । ମୁଖ୍ୟ ଅତିଥି ଙ୍କ ଦ୍ୱାରା ଛାତଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷାନୁଷ୍ଠାନର ବିକି ଓ ମାମା ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସଂପାଦନ କରିଥିଲେ ।ଶେଷରେ ଶିକ୍ଷକ ନାରାୟଣ ପୁଷ୍ଟି- ବିଜ୍ଞାନ ମେଳା ଓ ଶିଶୁଦିବସ ସଂପର୍କରେ ବୁଝାଇବା ସହିତ ଅନ୍ୟବାଦ ଅର୍ପଣ କରିଥିଲେ ।

ନବମ ବାର୍ଷିକ ରାଜ୍ୟ ସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ - ୨୦୨୬ ଅନୁଷ୍ଠିତ

ଗୋପ, ୧୫।୧୧ :(ମନ୍ଥନ)ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ କୋଣାର୍କ ଯାତ୍ରୀ ନିବାସ ସମ୍ମେଳନ କକ୍ଷ ଠାରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ନବମ ବାର୍ଷିକ ରାଜ୍ୟ ସ୍ତରୀୟ ସାହିତ୍ୟ ଆସର, ଆଲୋଚନା ଚକ୍ର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସଂପାଦକ ଭାଗୀରଥୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାହିତ୍ୟ, ସଂସ୍କୃତି, କଳାକୃତି ଓ ଇତିହାସର ଅନନ୍ୟ କ୍ଷେତ୍ର କୋଣାର୍କ ଶୀର୍ଷକ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି



ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସୁଲେଖିକା ଡକ୍ଟର ଶକୁନ୍ତଳା ବଳିଆରସିଂହ, ମୁଖ୍ୟ ବକ୍ତା ଭାବେ ଭାଷାବିତ ଓ ସାହିତ୍ୟିକ ଡକ୍ଟର ନାରାୟଣ ସେନାପତି, ସ୍ୱତନ୍ତ୍ର ଅତିଥି ଭାବେ ଭାଷାବିତ ଓ ପ୍ରାକ୍ତନ ଯୁଗ୍ମ ସଚିବ ଆଜାଦ ହିନ୍ଦ ପାଣିଗ୍ରାହୀ, ପୂର୍ବତନ ସେନା ଅଧିକାରୀ ବିଦ୍ୟାଧର ନାୟକ , ବିଶିଷ୍ଟ ଲେଖିକା କମଳ କୁମାରୀ ଦାଶ, ବାନରସେନା ଶିଶୁ ପତ୍ରିକାର ସଂପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଗବେଷକ ସଂଜୟ କୁମାର ବରାଳ, ସତ୍ୟ ଖବର ସଂପାଦକ ଅକ୍ଷୟ କୁମାର ନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ସ୍ୱର୍ଣ୍ଣଲତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଭାଷା ସାହିତ୍

ଆଞ୍ଚଳିକ ସମୁନ

ସୋମବାର,୧୬ ନଭେମ୍ବର ୨୦୨୬, ଭୁବନେଶ୍ୱର Monrday,16 November 2026, Bhubaneswar



ବିରୋଧୀଙ୍କ ହୋହାଲ୍ଲା ସତ୍ତ୍ୱେ ଭତ୍ତା ବଣ୍ଟନ

ଜଗତସିଂହପୁର,୧୫।୧୧ :(ମନ୍ଟୁନ)ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ଶୁକ୍ରବାର ବିଧାୟକ ବିରୋଧୀ ସରପଞ୍ଚ,ସମିତି ସଭ୍ୟ ଓ ସେମାନଙ୍କ ସମର୍ଥକଙ୍କ ହୋହାଲ୍ଲା ସତ୍ତ୍ୱେ ନୂତନ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ବ୍ଲକର ୧୯ ଗୋଟି ପଞ୍ଚାୟତରେ ମୋଟ ୧୨୧୦ ନୂତନ ହିତାଧିକାରୀ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଉତ୍ସବରେ ଉପସ୍ଥିତ ଥିବା ୩୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ଭତ୍ତା ପ୍ରଦାନ କରିଥିଲେ ।ସଭାସ୍ଥଳରେ ବିରୋଧୀ ପଞ୍ଚାୟତ ପ୍ରତିନିଧି ଓ ସେମାନଙ୍କ ସମର୍ଥକମାନେ ବିଧାୟକଙ୍କୁ କଟୁ ମନ୍ତବ୍ୟରେ ସମାଲୋଚନା କରିବା ସହ ଗୋ ବ୍ୟାକ ନାରାବାଜି ଦେଇଥିଲେ ।ଏପରିକି ମହିଳା ପଞ୍ଚାୟତ ପ୍ରତିନିଧିମାନେ ସଭା ସମ୍ମୁଖକୁ ଆସି ବିଧାୟକଙ୍କ ସହ ଯୁକ୍ତିତର୍କ କରିବାକୁ ପଛେଇ ନଥିଲେ ।ରଘୁନାଥପୁର ଥାନା ଆଇଆଇସି ପ୍ରେମଜିତ ଦାସଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ ପୋଲିସ ଫୋର୍ସଙ୍କୁ ଏଥିପାଇଁ ବେସ କସରତ କରିବାକୁ ପଡ଼ିଥିଲା ।ମୁଖ୍ୟ ଅତିଥି ବିଧାୟକ ପ୍ରଫେସର ଭୋଇ ତାଙ୍କ ବକ୍ତବ୍ୟରେ ବିରୋଧୀଙ୍କ ଏପରି ଆଚରଣକୁ ନିନ୍ଦା କରିବା ସହ ଏଣିକି ରଘୁନାଥପୁର ବ୍ଲକର ନବକଳେବର ହେବା ବୋଲି ରଣହୁଙ୍କାର ଦେଇଥିଲେ ।ଏହାଛଡା ଦୀର୍ଘ ସମୟ ଧରି ବସିରହିଥିବା ହିତାଧିକାରୀଙ୍କ ଧର୍ଯ୍ୟକୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।ଏଥିସହ ସରକାର ସର୍ବଦା ଆପଣମାନଙ୍କ ଦୁଃଖ ସୁଖରେ ରହିଛନ୍ତି ବୋଲି ବିଧାୟକ ଡ ଭୋଇ ପ୍ରକାଶ କରିଥିଲେ ।ବିଡିଓ ପ୍ରତିଶ ଭୋଳଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା ଓ ଏମପି ନୋମିନି ଗଗନ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।ବ୍ଲକ ସାମାଜିକ ନିରାପତ୍ତା ଅଧିକାରିଣୀ ଜ୍ୟୋତିର୍ମୟୀ ସ୍ୱାଇଁଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।ଏଥିରେ ବ୍ଲକର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ ।



ନବରଙ୍ଗପୁରରେ ବାଲ୍ୟ ବିବାହ ଓ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ସଚେତନତା ରାଲି

ନବରଙ୍ଗପୁର, ୧୫।୧୧ :(ମନ୍ଟୁନ) ବାଲ୍ୟ ବିବାହମୁକ୍ତ ଭାରତ ଗଠନ, ନିଶାମୁକ୍ତ ସମାଜ ସୃଷ୍ଟି, କନ୍ୟା ଶିଶୁଙ୍କ ସୁରକ୍ଷା ଏବଂ ଶିଶୁ ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ନବରଙ୍ଗପୁରଠାରେ ଏକ ବିଶାଳ ସଚେତନତା ରାଲି ଆୟୋଜିତ ହୋଇଯାଇଛି ।ଜିଲ୍ଲା ଆଇନ ସେବା ସପ୍ତାହ, ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ, ନିଶାମୁକ୍ତ ଭାରତ ଅଭିଯାନ, ଅନ୍ତର୍ଜାତୀୟ କନ୍ୟା ଶିଶୁ ଦିବସ ଏବଂ ଶିଶୁ ଦିବସ ପାଳନ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ନବରଙ୍ଗପୁର ସହରସ୍ଥିତ ଏକ୍ୱ-ବୋର୍ଡ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ରାଲିର ଶୁଭାରମ୍ଭ ହୋଇଥିଲା । ଏହି ରାଲିରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହ ଓ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦେଇଥିଲେ ।ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ସାଇ ଅଭିପ୍ସା ଗୋଚ୍ଛାୟତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ତନୁଶ୍ରୀ ମିଶ୍ର ଏବଂ ଡିଏସ୍‌ପି ଶ୍ରୀମତୀ କିଶୋର ପୁନମ କିସପେଟା ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ଆଇନଜୀବୀ ଶ୍ରୀମତୀ କିଶୋର ପଟ୍ଟନାୟକ, ଜେଣ୍ଡର କୋଅର୍ଡିନେଟର ଶ୍ରୀମତୀ ମମତା ପରିଚ୍ଛା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ସୁରେଶ ପଟ୍ଟନାୟକ, ସୁରକ୍ଷା ଅଧିକାରୀ ଶ୍ରୀମତୀ ରୋମା ପଟ୍ଟନାୟକ ଏବଂ ସମାଜସେବୀ ଶ୍ରୀମତୀ ମନୋରମା ମାଝୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।ଏହି ସଚେତନତା ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବାଲ୍ୟ ବିବାହ ଭଳି ସାମାଜିକ କୁପ୍ରଥାର ନିରାକରଣ, ନିଶାଦ୍ରବ୍ୟ ସେବନର ଭୟାବହ ପରିଣାମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା, କନ୍ୟା ଶିଶୁଙ୍କ ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା, ଶିଶୁ ଅଧିକାରର ସୁରକ୍ଷା, ମାଗଣା ଆଇନ ସହାୟତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା ଓ ସର୍ବାଙ୍ଗୀଣ ବିକାଶକୁ ପ୍ରୋତ୍ସାହିତ କରିବା ।ରାଲିରେ ସାମିଲ ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି କର୍ମୀମାନେ ବିଭିନ୍ନ ସଚେତନତାମୂଳକସ୍ଲୋଗାନ ଦେଇ ବାଲ୍ୟ ବିବାହ, ନିଶାଦ୍ରବ୍ୟ ସେବନ, ଲିଙ୍ଗଗତ ଭେଦଭାବ ତଥା ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ସାଧାରଣ ଜନତାଙ୍କୁ ସଚେତନ କରିଥିଲେ। ଏଥିସହିତ ପ୍ରତ୍ୟେକ ଶିଶୁଙ୍କ ପାଇଁ ଶିକ୍ଷା, ସୁରକ୍ଷା, ସମାନ ଅଧିକାର ଓ ମର୍ଯ୍ୟାଦା ସୁନିଶ୍ଚିତ କରିବା ଦିଗରେ ସମାଜର ସମସ୍ତ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗ ଓ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ସମନ୍ୱୟ ଦାୟିତ୍ୱ ଜିଲ୍ଲା ହବ୍ ଫର୍ ଏମ୍ପାୱାରମେଣ୍ଟ ଅଫ୍ ଓମେନ୍ ର ଫାଇନାନ୍ସିଆଲ୍ ଲିଟରେସି ସ୍ପ ?ସାଲିଷ୍ଟ ଶ୍ରୀମତୀ ସସ୍ମିତା ପାତ୍ର ଓ ଆଇଟି ଆସିଷ୍ଟାଣ୍ଟ ଶ୍ରୀ ପ୍ରଶାନ୍ତ ନାଗ ତଥା ୱାନ୍ ଷ୍ଟପ୍ ସେଣ୍ଟରର ଆଡମିନିଷ୍ଟ୍ରେଟର ଶ୍ରୀମତୀ ରଞ୍ଜିତା ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସୁଚାରୁରୂପେ ସମ୍ପାଦନ କରିଥିଲେ ।ବାଲ୍ୟ ବିବାହମୁକ୍ତ ଭାରତ, ନିଶାମୁକ୍ତ ସମାଜ ଏବଂ ମହିଳା ଓ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ, ସମ୍ମାନଜନକ ଓ ସମାନତାଭିତ୍ତିକ ପରିବେଶ ଗଠନ ଦିଗରେ ଏହି ସଚେତନତା ରାଲି ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ପ୍ରୟାସର ବାର୍ତ୍ତା ପ୍ରଦାନ କରିଛି । ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ପ୍ରତ୍ୟେକ ଶିଶୁଙ୍କ ପାଇଁ ଏକ ସୁସ୍ଥ, ସୁରକ୍ଷିତ, ଶିକ୍ଷିତ ଓ ଶିଶୁ ଅନୁକୂଳ ସମାଜ ଗଠନ କରିବା ଦିଗରେ ସମସ୍ତଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି ।



ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ପିପିଲି,୧୫।୧୧ :(ମନ୍ଟୁନ) ପିପିଲି ବ୍ଲକ ଅନ୍ତର୍ଗତ ଜଇସପାଟଣା ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ମୋଟ ୮୬ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ନାରାୟଣ ମହାରଣା, ବିକାଶ ଅଗ୍ରୱାଲ ଏବଂ ଚିନ୍ତାମଣି ଓଝ। ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଓ ୟୁ ଏ ଟି ଅବସରପ୍ରାପ୍ତ ପ୍ରଫେସର କାର୍ତ୍ତିକ ଚରଣ ସାହୁ ଏବଂ ବିଦ୍ୟାଳୟ ସମ୍ପାଦକ ସଂଜିତ କୁମାର ମହାନ୍ତି ସମ୍ବର୍ଦ୍ଧିତ କରିଥିଲେ । ପ୍ରଧାନ ଶିକ୍ଷକ ଅଶ୍ୱିନୀ ପାଣ୍ଡେ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ବିଜ୍ଞାନ ଶିକ୍ଷକ ଟିକନ ଭଟ୍ଟ ଏବଂ ସୁମିତ୍ରା ଦାସ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସନ୍ତାପ ସ୍ୱାଇଁ, ମୋନାଲିସା ବିଶ୍ୱାଳ, ସର୍ମିତା ପ୍ରଧାନ, ସ୍ୱେହମୟୀ ଡାଙ୍ଗୁଆ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

କାଳୀପୂଜା ର ମଜା ଉଠାଇଲେ ଜିଲାପାଳ ଓ ଏସପି

ଯାଜପୁର,୧୫।୧୧ :(ମନ୍ଟୁନ) ଯାଜପୁରରେ ଗଣପର୍ବ କାଳୀପୂଜାରେ ଜିଲା ପ୍ରଶାସନିକ ଅଧିକାରୀ ବିଭିନ୍ନ ମଣ୍ଡପ ବୁଲିବାର ପରମ୍ପରା ରହିଛି । ଯାଜପୁର ଜିଲାପାଳ ଅମ୍ବର କୁମାର କର ଓ ଆରକ୍ଷୀ ଅଧିକ୍ଷକ ୟଶ ପ୍ରତାପ ଶ୍ରୀମାଲ ସହରର ବିଭିନ୍ନ ପୂଜା ମଣ୍ଡପ ବୁଲି ମା କାଳୀ ଓ ଲକ୍ଷ୍ମୀନାରାୟଣ ପୂଜାର ମଜା ଉଠାଇଥିଲେ । ପ୍ରତ୍ୟେକ ପୂଜା ମଣ୍ଡପକୁ ଯାଇ ମାଙ୍କ ଦର୍ଶନ କରିବା ସହିତ ପୂଜା କମିଟି ସଦସ୍ୟ ମାନଙ୍କ ସହିତ ଆଲୋଚନା କରିଥିଲେ। ବିଭିନ୍ନ ପୂଜା ମଣ୍ଡପରେ ଜିଲାପାଳ ଓ ଏସ ପିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଚେରୀ ଛକ, ହାବେଲି ବଜାର,ଯୋଡିକୁଅ, ଅମ୍ବିକାଇ, ଗରିଆପୁର, ନାରାୟଣଛକ, ବଡବଜାର ଆଦି ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖି କାଳୀପୂଜାର ଅଭିନନ୍ଦନ ଜଣାଇବା ସହିତ ପୂଜା ଆୟୋଜନ ଓ ସ୍ୱଚ୍ଛତା ସଂପର୍କରେ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଶାନ୍ତି କମିଟି ସଦସ୍ୟ ସନ୍ତୋଷ ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରତିକାନ୍ତ ଗିରି, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନାଧିକାରୀ ଶିବ ଚରଣ ବେହେରା ପ୍ରମୁଖ ପୂଜା ମଣ୍ଡପ ବୁଲିବା ସହ ମା'ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରିଥିଲେ ।

ସେଲ୍ଫ ଆଓ୍ୱେକେନିଂ ମିଶନ ଟ୍ରଷ୍ଟ ପକ୍ଷରୁ ମହିଳା ସଶକ୍ତିକରଣ କେନ୍ଦ୍ର ଉଦ୍‌ଘାଟିତ

କବିସୂର୍ଯ୍ୟନଗର,୧୫।୧୧ :(ମନ୍ଟୁନ) ସେଲ୍ଫ ଆଓ୍ୱେକେନିଂ ମିଶନ ଟ୍ରଷ୍ଟ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ମହିଳା ସଶକ୍ତିକରଣ, ସମାଜସେବା ଓ ଆଧ୍ୟାତ୍ମିକ ଜାଗରଣକୁ ନେଇ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ କବିସୂର୍ଯ୍ୟନଗର ଠାରେ ସମାଜସେବୀ ଶ୍ରୀମତୀ ବିଷ୍ଣୁପ୍ରିୟା ଦାସଙ୍କ ଦ୍ୱାରା ଏକ ମହିଳା ସଶକ୍ତିକରଣ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା । ସେଲ୍ଫ ଆଓ୍ୱେକେନିଂ ମିଶନର ନିର୍ଦ୍ଦେଶକ ଶ୍ରୀ ସଞ୍ଜୀବ ମଲ୍ଲିକଙ୍କ ଉପସ୍ଥିତି ଓ ମାଗଦର୍ଶନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।ଏହା ସହିତ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଆଠଗଡ଼ପାଟଣା ଓ ଗଙ୍ଗାପୁର ଗ୍ରାମ ପଞ୍ଚାୟତରେ ପୃଥକ୍ ଭାବରେ ମହିଳା ସଶକ୍ତିକରଣ ଓ ସାମାଜିକ ସଚେତନତାମୂଳକ ଅଧିବେଶନ ଆୟୋଜନ କରାଯାଇଥିଲା । ଏହି ଅଧିବେଶନ ଗୁଡ଼ିକରେ ମହିଳାମାନଙ୍କ ଆତ୍ମନିର୍ଭରଶୀଳତା, ଆତ୍ମବିଶ୍ୱାସ, ସାମାଜିକ ଭାଗିଦାରୀ ଓ ନିଜ ଅଧିକାର ସମ୍ପର୍କରେ ସଚେତନତାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଆଠଗଡ଼ପାଟଣା ର ସରପଞ୍ଚ ଶ୍ରୀମତୀ ଛବିରାଣୀ ତ୍ରିପାଠୀ ଏବଂ ଗଙ୍ଗାପୁର ପଂଚାୟତର ସରପଞ୍ଚ ଶ୍ରୀମତୀ ଝୁନୁ ସେଠି ଉପସ୍ଥିତ ରହିଥିଲେ। ଏଥିସହିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସିମାଞ୍ଚଳ ପାଣି, ଶ୍ରୀମତୀ ସଙ୍ଗୀତା ମିଶ୍ର ଓ ଶ୍ରୀ ପ୍ରଣୟ କୁମାର ମହାପାତ୍ରଙ୍କ ସହଯୋଗରେ ବିଭିନ୍ନ ଗଣମାଧ୍ୟମର ସାମ୍ବାଦିକମାନେ ଉପସ୍ଥିତ ରହି ମିଶନର ସମାଜସେବା, ମହିଳା ସଶକ୍ତିକରଣ ଓ ଆଧ୍ୟାତ୍ମିକ ଜାଗରଣର ବାର୍ତ୍ତାକୁ ବ୍ୟାପକ ଭାବରେ ପ୍ରଚାର କରିଥିଲେ ।ଏହି ଅବସରରେ ଆଠଗଡ଼ପାଟଣା ଓ ଗଙ୍ଗାପୁର ଅଞ୍ଚଳର ଗ୍ରାମବାସୀଙ୍କ ପାଇଁ ଆଧ୍ୟାତ୍ମିକ ଜାଗରଣ, ମାନସିକ ଶାନ୍ତି ଓ ଆତ୍ମିକ ଉନ୍ନତି ନିମନ୍ତେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା । ଏଥିସହିତ ସାଧାରଣ ଜନତାଙ୍କ ପାଇଁ ମାଗଣା ହିଲିଂ ଏବଂ ଲଙ୍ଗର ସେବା ମଧ୍ୟ ଉପଲବ୍ଧ କରାଯାଇଥିଲା ।

ଶବ୍ଦ ପ୍ରଦୂଷଣ ଏବଂ ଡିଜେ ଉପରେ କଟକଣା ଲଗାଇବାକୁ ବିଡିଓଙ୍କୁ ଦାବିପତ୍ର ଦେଲେ ସାଇ ସିଦ୍ଧାନ୍ତ ମିଶ୍ର


ଯାଜପୁର,୧୫।୧୧ :(ମନ୍ଟୁନ) ମାନନୀୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶବ୍ଦ ପ୍ରଦୂଷଣ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ପାଇଁ ଯାଜପୁର ଟାଉନ୍ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ସମାଜସେବୀ ସାଇ ସିଦ୍ଧାନ୍ତ ମିଶ୍ର ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଶ୍ରୀ ମିଶ୍ର ନିଜ ପତ୍ରରେ ଦର୍ଶାଇଛନ୍ତି ଯେ, କେବଳ ପାର୍ବଣ ନୁହେଁ, ବରଂ ବର୍ଷ ତମାମ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ଶୋଭାଯାତ୍ରା ଏବଂ ବିବାହ ଉତ୍ସବରେ ଉଚ୍ଚ ଡେସିବେଲ୍ ବିଶିଷ୍ଟ ଡିଜେ ଏବଂ ସାଉଣ୍ଡ ସିଷ୍ଟମର ବେଆଇନ ବ୍ୟବହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି । ଏହା ମାନନୀୟ ହାଇକୋର୍ଟଙ୍କ ସ୍ପଷ୍ଟ ମାର୍ଗଦର୍ଶିକାର ଖୋଲାଖୋଲି ଉଲ୍ଲଂଘନ। ଏହି ଭୟଙ୍କର ଶବ୍ଦ ପ୍ରଦୂଷଣ ବୟସ୍କ, ଶିଶୁ, ହୃଦ୍‌ରୋଗୀ ଏବଂ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି । ଏହା ସହିତ ଏହି ପ୍ରଦୂଷଣକାରୀ ଡିଜେ ଯୋଗୁଁ ଆମର ପାରମ୍ପରିକ ବାଦ୍ୟଯନ୍ତ୍ର ଏବଂ ସାଂସ୍କୃତିକ ଐତିହ୍ୟ ବିଲୁପ୍ତ ହେବାକୁ ବସିଲାଣି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ଏକ ସୁସ୍ଥ, ଶାନ୍ତିପୂର୍ଣ୍ଣ ଏବଂ ସୁରକ୍ଷିତ ସମାଜ ଗଠନ ଦିଗରେ ନିଜର ପ୍ରଶାସନିକ କ୍ଷମତା ପ୍ରୟୋଗ କରି ବ୍ଲକ ଅଧୀନରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚମାନଙ୍କୁ ଏକ କଠୋର ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ ସେ ବିଡିଓଙ୍କୁ ଅନୁରୋଧ କରିଛନ୍ତି । ସରପଞ୍ଚମାନେ ନିଜ ପଞ୍ଚାୟତ ଅଞ୍ଚଳରେ ଏହି ଆଇନକୁ କଡ଼ାକଡ଼ି ପାଳନ କରିବା ସହ ଯେକୌଣସି ଉତ୍ସବରେ ଡିଜେର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରି ପାରମ୍ପରିକ ବାଦ୍ୟଯନ୍ତ୍ରକୁ ପ୍ରୋତ୍ସାହିତ କରିବାକୁ ସେ ଦାବି କରିଛନ୍ତି । ସାଇ ସିଦ୍ଧାନ୍ତ ମିଶ୍ର ୨୦୧୯ ମସିହାରୁ ରାଜ୍ୟବ୍ୟାପୀ ଶବ୍ଦ ପ୍ରଦୂଷଣ ବିରୋଧରେ କ୍ରମାଗତ ଭାବରେ ଜନସଚେତନତା ଅଭିଯାନ ଚଳାଇ ଆସୁଛନ୍ତି । ପ୍ରଶାସନର ଏହି ଗୋଟିଏ ପଦକ୍ଷେପ ସମଗ୍ର ବ୍ଲକରେ ଶବ୍ଦ ପ୍ରଦୂଷଣକୁ ରୋକିବାରେ ଏକ ବଡ଼ ସକାରାତ୍ମକ ପରିବର୍ତ୍ତନ ଆଣିପାରିବ ବୋଲି ସେ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି।

ଶିଶୁ ଦିବସ ଅବସରରେ ଶିକ୍ଷାବିତ ଙ୍କୁ ସମ୍ମାନ

ପିପିଲି, ୧୫।୧୧ :(ମନ୍ଟୁନ)ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ ତଥା ଶିଶୁ ଦିବସ ଅବସରରେ ପିପିଲି ଜବାହର ବିଦ୍ୟାପୀଠ ରେ ସଚେତନ ନାଗରିକ ମଞ୍ଚ ଏବଂ ଆମିତି ଇଣ୍ଡିଆ ଚାରିଟାବଲେ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ସୁରେଶ ରଥ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପିପିଲି ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ସାମ୍ମାନୀତ ଅତିଥି ଭାବେ ଇଂ ରମେଶ ଶତପଥୀ, ଶିକ୍ଷାବିତ ବୃନ୍ଦାବନ ଜେନା, ଭଗବାନ ସେଠୀ, ଏବଂ ଜବାହର ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁ ଓ ଶିଶୁ ଦିବସ ପାଳନ ଉପରେ ବକ୍ତବ୍ୟ ରଖିଥିଲେ। ପିପିଲି ସେଣ୍ଟ ଜାଭିଅର ହାଇସ୍କୁଲ ଅଧକ୍ଷା ସିମିତା ତ୍ରିପାଠୀ, ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ହରିବନ୍ଧୁ ବିଦ୍ୟାପୀଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ କର ଙ୍କୁ ଚାଚା ନେହେରୁ ପ୍ରତିଭା ସମ୍ମାନ ରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଚେତନ ନାଗରିକ ମଞ୍ଚ ବରିଷ୍ଠ ସଦସ୍ୟ ପ୍ରସନ୍ନ ଦାସ, ସୁଦାମ ଖୁଣ୍ଟିଆ, ପ୍ରମିଳା ପଣ୍ଡା, ଗୀତା ସ୍ୱାଇଁ ଏବଂ କଳ୍ପନା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

ଲୋୟୋଲା ସ୍କୁଲ୍ ଟାଇଁସର ଠାରେ ଶିଶୁ ଦିବସ ପାଳିତ

କୁଚିଣ୍ଡା,୧୫।୧୧ :(ମନ୍ଟୁନ)ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ଅବସରରେ ଲ



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ସଙ୍କଟରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ

ରବି ରଥ

ଗଣତନ୍ତ୍ରିକ ବ୍ୟବସ୍ଥାରେ ତିନୋଟି ସ୍ତମ୍ଭ ମଧ୍ୟରୁ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । ଅନ୍ୟ ତିନୋଟି ସ୍ତମ୍ଭ ଯଥା ସଂସଦୀୟ ବ୍ୟବସ୍ଥା, ବିଚାର ବିଭାଗ ଓ ଅମଲାତନ୍ତ୍ରକୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଥିବା ବେଳେ ଏହି ତିନୋଟି ସ୍ତମ୍ଭର ଦୋଷ ତ୍ରୁଟିକୁ ଗଣମାଧ୍ୟମର ହିଁ ସଂଶୋଧନ କରିବା ଦାୟିତ୍ୱ ରହିଛି । କିନ୍ତୁ ଆଜି ଦେଶରେ ଦେଖା ଦେଇଥିବା ବିପର୍ଯ୍ୟସ୍ତ ପରିସ୍ଥିତିରେ ଗଣମାଧ୍ୟମ ସ୍ଥାଣୁ ପାଲଟିଯାଇଛି । ଅପରପକ୍ଷରେ କର୍ପୋରେଟ ହାଉସମାନଙ୍କ ଦ୍ୱାରା ଏହା ନିୟନ୍ତ୍ରିତ ହେଉଥିବାରୁ ଗଣମାଧ୍ୟମର ନିରପେକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି । ସମ୍ବାଦପତ୍ର ହେଉ କିମ୍ବା ବୈଦ୍ୟୁତିକ ଗଣମାଧ୍ୟମ, ଏହା ସବୁବେଳେ ସମାଜର ଜାଗ୍ରତ ପ୍ରହରୀ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପରାଧୀନତାର ଶୃଙ୍ଖଳରୁ ଦେଶକୁ ମୁକ୍ତ କରିବା ପାଇଁ ବହୁ ନେତୃବୃନ୍ଦ ସମ୍ବାଦପତ୍ର ମାଧ୍ୟମରେ ଦେଶରେ ଜନମତ ସୃଷ୍ଟି କରିବାରେ ଲାଗି ପଡ଼ିଥିଲେ । ସେମାନଙ୍କ ବଳିଷ୍ଠ ଲେଖା ଦେଶରେ ନବ ଜାଗରଣ ସୃଷ୍ଟି କରିବାରେ ବେଶ୍ ? ଫଳପ୍ରଦ ହୋଇଥିଲା । ବାଳ ଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖଲେ, ମହାତ୍ମା ଗାନ୍ଧୀଙ୍କ ଭଳି ନେତୃବୃନ୍ଦ ଏହି ସବୁ ସମ୍ବାଦପତ୍ର ପ୍ରକାଶନର ମଞ୍ଚ ଧରିଥିଲେ । ଦେଶକୁ ସ୍ୱାଧୀନତାର ସ୍ୱାଦ ଚଖେଇବା ଥିଲା ଏହି ମହାପୁରୁଷ ମାନଙ୍କ ସମ୍ବାଦପତ୍ର ପ୍ରକାଶନର ମୂଳ ଉଦ୍ଦେଶ୍ୟ । ଠିକ ସେହିପରି ସ୍ୱାଧୀନତାର ପ୍ରାକ୍ ?କାଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନେଇ ଯେଉଁ ଭାଷା ଆନ୍ଦୋଳନର ସୂତ୍ରପାତ ହୋଇଥିଲା ସେହି ଆନ୍ଦୋଳନକୁ ଆଗକୁ ନେବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ସାମ୍ବାଦିକ ଶଶିଭୂଷଣ ରଥ, ନୀଳମଣି ବିଦ୍ୟାରନ, ପଣ୍ଡିତ ନୀଳକଣ୍ଠ ଦାସ, କୃପାସିନ୍ଧୁ ନରେନ୍ଦ୍ର ଦେବ ପ୍ରମୁଖ ବିଭିନ୍ନ ଓଡ଼ିଆ । ସମ୍ବାଦପତ୍ର ପ୍ରକାଶ କରି ସେଥିରେ ଓଡ଼ିଆ । ଓ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ନିଜର ମତ ଓ ମନ୍ତବ୍ୟ ରଖୁଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଶାରେ ସମ୍ବାଦପତ୍ର ସଂଖ୍ୟା ବୃଦ୍ଧି ପାଇଲା । ଅପରପକ୍ଷରେ କେତେକ ସମ୍ବାଦପତ୍ରର ମଧ୍ୟ ଅକାଳ ମୃତ୍ୟୁ ଘଟିଲା । ଅତୀତରେ ସାମ୍ବାଦିକମାନଙ୍କର ଦାୟିତ୍ୱବୋଧ ଓ ନିଷ୍ଠା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିଲା । ସେମାନଙ୍କ ପ୍ରତି ସବୁ ଶ୍ରେଣୀର ଜନସାଧାରଣଙ୍କ ସମ୍ମାନ ରହୁଥିଲା । ଆଜିକାଲି କିନ୍ତୁ ଏ କ୍ଷେତ୍ରରେ ଦାୟିତ୍ୱବୋଧ ଓ ନିଷ୍ଠା ଅଭାବରୁ ସାମ୍ବାଦିକତାର ମାନ ହ୍ରାସ ପାଇବାରେ ଲାଗିଛି । ଏହା ସହିତ ସମ୍ବାଦପତ୍ରଗୁଡ଼ିକର ଯେଉଁ ମୌଳିକ ଲକ୍ଷ୍ୟ ଉଦ୍ଦେଶ୍ୟ ରହିଥିଲା ତାହା ଆଜି ମଉଳିବାରେ ଲାଗିଛି । ସମ୍ପ୍ରତି ଅନେକ ସମ୍ବାଦପତ୍ର ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କ ମାଲିକାନାରେ ପ୍ରକାଶ ପାଉଥିବାରୁ ସମ୍ବାଦ ପରିବେଷଣରେ ଆଉ ନିରପେକ୍ଷତା ପରିଲକ୍ଷିତ ହେଉନାହିଁ । ଏହା ଦେଶ, ସମାଜ ଓ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ । ସମ୍ପ୍ରତି ଗଣମାଧ୍ୟମର ଗୁରୁତ୍ୱ ହ୍ରାସ ପାଇବା ସହ ଏହା ଜନସାଧାରଣଙ୍କ ବିଶ୍ୱାସନିୟତା ହରାଇ ବସିଲାଣି । ମୂଲ୍ୟବୋଧ ଓ ଅଙ୍ଗୀକାରବଦ୍ଧତାକୁ ଗୁରୁତ୍ୱ ନ ଦେବା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଦେଶର ସ୍ୱାଧୀନତା ପରେ ସମ୍ବାଦପତ୍ର ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ମୂଲ୍ୟବୋଧ ସହ କିନ୍ତୁ ସାଲିସ କରାଯାଉନଥିଲା । ଏଥିଯୋଗୁଁ ସମ୍ବାଦପତ୍ରରେ ସ୍ଥାନ ପାଉଥିବା ଖବରକୁ ସେତେବେଳେ ସମସ୍ତେ ବିଶ୍ୱାସ କରୁଥିଲେ । ଏକବିଂଶ ଶତାବ୍ଦୀ ପ୍ରାରମ୍ଭରୁ ଗଣମାଧ୍ୟମରେ ବ୍ୟାପକ ପରିବର୍ତ୍ତନ ଆସିଛି । ଇଣ୍ଟରନେଟ ଓ ମୋବାଇଲ ଦ୍ୱାରା ୱେବ୍ ? ଚ୍ୟାନେଲ ଗଣମାଧ୍ୟମ ଖୁବ କମ ସମୟରେ ସମ୍ବାଦ ପାଇ ତାହାକୁ ପ୍ରକାଶନ କରାଯିବା ସହ ଟିଭି ଚ୍ୟାନେଲରେ ମଧ୍ୟ ପ୍ରଦର୍ଶିତ କରାଯାଇପାରୁଛି । ଅପରପକ୍ଷରେ ଏବେ ଗଣମାଧ୍ୟମ ପକ୍ଷପାତିତା ଓ ବ୍ୟକ୍ତିକେନ୍ଦ୍ରିକ ହୋଇଥିବାରୁ ଏକାଧିକ ଖବରକାଗଜ ନ ପଢ଼ିଲେ ଓ ଏକାଧିକ ଟିଭି ଚ୍ୟାନେଲ ନ ଦେଖିଲେ ସମ୍ବାଦର ସତ୍ୟତା ଜାଣିବା ସମ୍ଭବପର ହେଉନାହିଁ । ସମ୍ବାଦପତ୍ର ଗୁଡ଼ିକରେ ଭିନ୍ନ ଭିନ୍ନ ଢଙ୍ଗରେ ସମ୍ବାଦ ଓ ମତ ମନ୍ତବ୍ୟ ପ୍ରକାଶ କରାଯାଉଥିବାରୁ ଏଭଳି ସମ୍ବାଦକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁନାହାନ୍ତି । ପୂର୍ବରୁ ସମ୍ବାଦପତ୍ରଗୁଡ଼ିକ ମିଶନ ଭାବେ କାର୍ଯ୍ୟ କରୁଥିଲା ଏବେ କିନ୍ତୁ କମିଶନ ବ୍ୟାପାରରେ ସମ୍ବାଦପତ୍ରମାନେ କାର୍ଯ୍ୟ କରୁଥିବା ଯୋଗୁଁ ସେମାନେ ଲକ୍ଷ୍ୟ ଓ ଆଦର୍ଶରୁ ବିଚ୍ୟୁତ ହେଉଛନ୍ତି । କର୍ପୋରେଟ ହାଉସମାନଙ୍କ କବଳରେ ଏବେ ବହୁ ସମ୍ବାଦପତ୍ର ପରିଚାଳିତ ହେଉଥିବା ଦୃଷ୍ଟିଗୋଚର ହେଉଛି । ସେହି କାରଣରୁ ଆଜିକାଲି ମୂଲ୍ୟ ବଦଳରେ (ପେଡ୍ ? ନ୍ୟୁଜ୍ ?) ସମ୍ବାଦ ଛାପିବା ବା ଟିଭିରେ ସମ୍ବାଦ ପରିବେଷଣ କରିବାର ଏକ ହୀନ ପରମ୍ପରା ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳିଛି । ଏ ପ୍ରକାର ଅନୈତିକ ଓ ହୀନ କାର୍ଯ୍ୟରେ କିଛି ଗଣମାଧ୍ୟମ ସମ୍ପୃକ୍ତ ରହୁଥିବାରୁ ଗଣମାଧ୍ୟମ ସାମୂହିକ ଭାବେ ଆଜି ସମାଜ ଆଖିରେ ନ୍ୟୁନ ହେବା ସହ ନିନ୍ଦିତ ମଧ୍ୟ ହେଉଛି । ଏବେ ଶିଳ୍ପପତିମାନେ ବଡ଼ ବଡ଼ ସମ୍ବାଦପତ୍ର ଓ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବାରୁ ସମ୍ବାଦପତ୍ରର ନିରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସଙ୍କଟକୁ ଠେଲି ହୋଇଯାଇଛି । ଆଜିର ପରିପ୍ରେକ୍ଷୀରେ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ଓ କର୍ମଚାରୀ ଏଥିପ୍ରତି ଯତ୍ନବାନ ହେବା ସହ ଗଣମାଧ୍ୟମର ମର୍ଯ୍ୟଦାକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ କାର୍ଯ୍ୟ କରିବାର ସମୟ ଆସିଛି । ଅତୀତରେ ସମ୍ବାଦପତ୍ରର ଯେଉଁ ପ୍ରତିଷ୍ଠା ଓ ଲୋକପ୍ରିୟତା ରହିଥିଲା ତାହା ଦିନକୁ ଦିନ ନିମ୍ନଗାମୀ ହେଉଥିବାରୁ ସାଧାରଣରେ ଗଣମାଧ୍ୟମ ପ୍ରତି ଆସ୍ଥା ଓ ବିଶ୍ୱାସ ତ୍ରୁଟି ଯାଉଥିବା ଘଟଣା ଉଦବେଗଜନକ । ବିଶେଷକରି ରାଜ୍ୟ ତଥା ଦେଶରୁ ପ୍ରକାଶ ପାଉଥିବା ହଜାର ହଜାର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞାପନ ନୀତି ଯୋଗୁଁ ବହୁ ସମ୍ବାଦପତ୍ର ବନ୍ଦ ହେବାକୁ ବସିଲାଣି । ଏପରିକି ପୂର୍ବରୁ ଜାତୀୟ ଦିବସ ମାନଙ୍କରେ ଡିଏଭିପି ପକ୍ଷରୁ ଦିଆଯାଉଥିବା ବିଜ୍ଞାପନକୁ ବନ୍ଦ କରି ଦିଆଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ କୋଭିଡକୁ ଦୃହିଦେଇ ଗତ ଦେଢ଼ ବର୍ଷ ଧରି ରାଜ୍ୟ ସଚିବାଳୟକୁ ସାମ୍ବାଦିକ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କୌଣସି କାରଣ ନଥାଇ ଆକଟ କରାଯାଇଛି । ଏହା ମଧ୍ୟ ଗଣମାଧ୍ୟମର କଣ୍ଠରୋଧ ଅଟେ । ଭାରତ ବର୍ଷର ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୨ ବର୍ଷର ଶାସନ ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନ ମଧ୍ୟରେ ଉଭୟେ କୌଣସି ସାମ୍ବାଦିକ ସମ୍ମିଳନୀର ସମ୍ମୁଖୀନ ହୋଇନଥିବା ଦୁର୍ଭାଗ୍ୟର ବିଷୟ । ଆଜିକାଲି ଗଣମାଧ୍ୟମରେ ଯାହା ପ୍ରକାଶ ପାଉଛି ତାହା ସଂପୃକ୍ତ ଗଣମାଧ୍ୟମର ବକ୍ତବ୍ୟ ନୁହେଁ। କାରଣ ସରକାର ଓ କର୍ପୋରେଟ ହାଉସମାନଙ୍କ ନିର୍ଦ୍ଦେଶରେ ଖବର ପରିବେଷିତ ହେଉଛି । ଅପରପକ୍ଷରେ ୧୯୭୫ ଜୁନ ୨୫ ଜରୁରୀକାଳିନ ପରିସ୍ଥିତି ବେଳେ ସମ୍ବାଦପତ୍ରର ଯେଉଁ କଣ୍ଠରୋଧ କରାଯାଉଥିଲା ସେହିଭଳି ଆଜି ମଧ୍ୟ ଅଘୋଷିତ ଭାବେ ସମ୍ବାଦପତ୍ର ଜରୁରୀ ପରିସ୍ଥିତି ଜାରି ହୋଇଥିବା ସ୍ପଷ୍ଟ ବାରି ହେଉଛି । ନିର୍ଦ୍ଦିଷ୍ଟ ବିଚାରଧାରା ଉପରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ହିଁ ଗଣମାଧ୍ୟମରେ ଆଗକୁ ବଢ଼ିବାକୁ ଦିଆଯାଉଛି । ଯାହା ଫଳରେ ସମ୍ବିଧାନର ମୂଲ୍ୟବୋଧ ବିରୋଧୀ ଖବର ପ୍ରକାଶ ପାଉଛି । ଏହାସତ୍ତ୍ୱେ କେତେକ ମୁଷ୍ଟିମେୟ ଗରମାଧ୍ୟମ ସେମାନଙ୍କ ବିଚାରରୁ ଓହରିନାହାଁନ୍ତି। ଦୀର୍ଘଦିନ ଧରି ଭୋଟ ଚୋରି ଘଟଣାର ପର୍ଦ୍ଦାଫାଶ କରିବାରେ ଇଣ୍ଡିଆ ନ ଏକ୍ସପ୍ରେସ୍ ?ର ଏକ ରିପୋର୍ଟ ଭାରତ ବର୍ଷ ତଥା ବିଶ୍ୱରେ ହଲଚଲ ସୃଷ୍ଟି କରିପାରିଛି । ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ବା ସଂପାଦକ କିଛି ଲେଖିବା ପୂର୍ବରୁ ଭାବୁଛି ଯେ ଏଭଳି ଲେଖା ଲେଖିବା ଉଚିତ କି ନୁହେଁ । ଏହି ପ୍ରକାର ବିଚାର ଯୋଗୁଁ ଗଣମାଧ୍ୟମ କ୍ଷମତାସୀନ ଦଳ ବା ସରକାରକୁ ପ୍ରଶ୍ନ କରିପାରୁ ନାହିଁ। ଭାରତ ବର୍ଷର ୧୦ଟି ନ୍ୟୁଜ୍ ? ଚ୍ୟାନେଲ ସରକାରଙ୍କ ନିୟନ୍ତ୍ରଣରେ ଥିବାରୁ ପ୍ରକୃତ ତଥ୍ୟ ପ୍ରକାଶିତ ହୋଇପାରୁନାହିଁ । ଏଭଳି ପରମ୍ପରା ଜାରି ରହିଲେ ଗଣମାଧ୍ୟମ ଆଗାମୀ ଦିନରେ ମୂଲ୍ୟହୀନ ହୋଇପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି । ଆଜିର ଜାତୀୟ ପ୍ରେସ ଦିବସ ଅବସରରେ ଗଣମାଧ୍ୟମ ନିଜ ଲକ୍ଷ୍ୟ ଓ ଆଦର୍ଶରୁ ଯେଭଳି ବିଚ୍ୟୁତ ନ ହେବ ସେ ସମ୍ପର୍କରେ ବ୍ୟାପକ ବିଚାର ବିମର୍ଶ କରାଯିବା ଉଚିତ ।

ନବୀନ ଭବନ, ବ୍ରହ୍ମପୁର-୧୦, ମୋ-୯୮୬୧୦ ୧୩୭୮୦

ଗଣମାଧ୍ୟମର ଭବିଷ୍ୟତ

ନଭେମ୍ବର ୧୬ କେବଳ ଏକ ଦିବସ ନୁହେଁ, ଏହା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ପ୍ରତି ଆମର ଦାୟିତ୍ୱ, ସାମ୍ବାଦିକଙ୍କ ତ୍ୟାଗ ପ୍ରତି ଆମର ସମ୍ମାନ ଏବଂ ସତ୍ୟ ପ୍ରତି ଆମର ଅଙ୍ଗୀକାରକୁ ପୁନର୍ବାର ସ୍ମରଣ କରାଇବାର ଏକ ଐତିହାସିକ ଅବସର। ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ଭାରତୀୟ ପ୍ରେସ୍ ପରିଷଦ କାର୍ଯ୍ୟ ଆରମ୍ଭ କରିଥିଲା। ସେହି ଐତିହାସିକ ଦିନକୁ ସ୍ମରଣ କରି ପ୍ରତିବର୍ଷ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଏ। ଏହି ଦିନ ଆମକୁ ମନେ ପକାଇଦିଏ ଯେ ସ୍ୱାଧୀନ ସାମ୍ବାଦିକତା କୌଣସି ସଂସ୍ଥାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ, ଏହା ଜନସାଧାରଣଙ୍କ ଅଧିକାର ଓ ଗଣତନ୍ତ୍ରର ଜୀବନଶକ୍ତି। ଜଣେ ସମ୍ପାଦକ ଭାବେ ଏବଂ ଓଡ଼ିଆ ଭାଷାରେ ପ୍ରକାଶିତ ଆମ ଖବରକାଗଜ ଉପରେ ଆସ୍ଥା ରଖିଥିବା ୩୯ ଲକ୍ଷ ପାଠକଙ୍କ ପ୍ରତିନିଧି ଭାବେ ମୋର ଦୃଢ଼ ବିଶ୍ୱାସ, ସାମ୍ବାଦିକତାର ମୂଲ୍ୟ କେବଳ କେତେ ଶୀଘ୍ର ଖବର ପହଂଚାଇଲୁ ତାହାରେ ନୁହେଁ, ବରଂ କେତେ ସତ୍ୟ, ନିର୍ଭୀକ, ନିରପେକ୍ଷ ଓ ଦାୟିତ୍ୱବାନ ଭାବେ ଜନତାଙ୍କ ପାଖରେ ତଥ୍ୟ ରଖିଲୁ ତାହାରେ ରହିଛି। ଆଜିର ସମୟରେ ସାମ୍ବାଦିକତା ଏକ ବିରାଟ ପରିବର୍ତ୍ତନର ସମ୍ମୁଖୀନ। ଗୋଟିଏ ପଟେ ମୋବାଇଲ୍ ଫୋନ୍, ତୁରନ୍ତ ସମ୍ବାଦ ପ୍ରସାରଣ, ସାମାଜିକ ଗଣମାଧ୍ୟମ ଓ କୃତ୍ରିମ ବୁଦ୍ଧିମତା ସମ୍ବାଦ ଜଗତର ଚେହେରା ବଦଳାଇ ଦେଉଛି, ଅନ୍ୟପଟେ ଚାକିରି ହରାଉଥିବା ସାମ୍ବାଦିକ, ଆର୍ଥିକ ଅନିଶ୍ଚିତତା, ମିଥ୍ୟା ସମ୍ବାଦର ବିସ୍ତାର, ରାଜନୈତିକ ଓ ବ୍ୟବସାୟିକ ଚାପ, ଧମକ ଏବଂ ଜୀବନ ପ୍ରତି ବିପଦ ଏହି ପେସାକୁ ଅଧିକ ଆହ୍ୱାନପୂର୍ଣ୍ଣ କରିଛି। ପ୍ରଶ୍ନ ହେଉଛି, ଯେତେବେଳେ ଯନ୍ତ୍ର କେଇ ସେକେଣ୍ଡରେ ଖବର ଲେଖିପାରୁଛି, ସେତେବେଳେ ମଣିଷ ସାମ୍ବାଦିକଙ୍କ ଆବଶ୍ୟକତା କ'ଣ ? ଉତ୍ତର ଅତ୍ୟନ୍ତ ସ୍ପଷ୍ଟ-ଯନ୍ତ୍ର ତଥ୍ୟକୁ ଏକତ୍ର କରିପାରେ, ଭାଷାକୁ ସଜାଇପାରେ, ଶବ୍ଦକୁ ଅନୁବାଦ କରିପାରେ, କିନ୍ତୁ ଘଟଣାସ୍ଥଳରେ ଠିଆ ହୋଇ ଜଣେ ପାଠକଙ୍କ ଆଖିର ଲୁହକୁ ବୁଝିବା, ଜଣେ ଗରିବଙ୍କ ନୀରବ ଯନ୍ତ୍ରଣାକୁ ଅନୁଭବ କରିବା, କ୍ଷମତାଶାଳୀଙ୍କୁ ପ୍ରଶ୍ନ କରିବା ଏବଂ ଏକ ଖବର ପ୍ରକାଶ କରିବା ପୂର୍ବରୁ ତାହାର ସାମାଜିକ ପରିଣାମ ବିଚାର କରିବାର ମାନବୀୟ ବିବେକ ତାହାର ନାହିଁ। ସାମ୍ବାଦିକତା କେବଳ ଶବ୍ଦର ବ୍ୟବସାୟ ନୁହେଁ, ଏହା ମଣିଷର ମନ, ମୂଲ୍ୟବୋଧ ଦାୟିତ୍ୱ ଓ ସାହସର ସମନ୍ୱୟ। କୃତ୍ରିମ ବୁଦ୍ଧିମତା ଏକ ସହାୟକ ଉପକରଣ ହୋଇପାରେ, କିନ୍ତୁ ସମ୍ପାଦକୀୟ ବିବେକର ବିକଳ୍ପ ହୋଇପାରିବ ନାହିଁ। ଏହାକୁ ଭୟ କରିବା ନୁହେଁ, ବରଂ ନୈତିକତା ଓ ସତର୍କତା ସହିତ ଗ୍ରହଣ କରିବା ଆବଶ୍ୟକ। ଆଜି ବିଶ୍ୱର ଅନେକ ସମ୍ବାଦ ସଂସ୍ଥା ପ୍ରଯୁକ୍ତିର ବ୍ୟବହାର ବଢାଉଛନ୍ତି। ଏହା ସହିତ ଖବରକାଗଜ ଓ ଦୃଶ୍ୟ ଗଣମାଧ୍ୟମରେ କର୍ମଚାରୀ ଛଟେଇ, ଖର୍ଚ୍ଚ ହ୍ରାସ ଏବଂ ଅଳ୍ପ ଲୋକଙ୍କ ଉପରେ ଅଧିକ କାମର ଚାପ ବଢୁଥିବା ଖବର ସାମ୍ନାକୁ ଆସୁଛି। ଏହା କେବଳ ଜଣେ କର୍ମଚାରୀଙ୍କ ଚାକିରି ହରାଇବାର ଘଟଣା ନୁହେଁ, ଏହା ତାଙ୍କ ପରିବାରର ଆର୍ଥିକ ସୁରକ୍ଷା, ପିଲାଙ୍କ ଶିକ୍ଷା, ବୃଦ୍ଧ ପିତାମାତାଙ୍କ ଚିକିତ୍ସା ଓ ଭବିଷ୍ୟତର ସ୍ୱପ୍ନ ସହ ଜଡିତ। ଯେଉଁ ସଂସ୍ଥା ଦଶନ୍ଧି ଧରି ଜଣେ ସାମ୍ବାଦିକଙ୍କ ପରିଶ୍ରମରେ ନିଜର ପରିଚୟ ଗଢିଛି, ସେହି ସଂସ୍ଥା କେବଳ ପ୍ରଯୁକ୍ତିର ନାମରେ ମାନବ ସମ୍ବଳକୁ ଅବହେଳା କରିବା ଉଚିତ ନୁହେଁ। ଯନ୍ତ୍ରର ଦକ୍ଷତା ବହୁ, କିନ୍ତୁ ମଣିଷର ମର୍ଯ୍ୟାଦା ହ୍ରାସ ନହେଉ। ସାମ୍ବାଦିକଙ୍କୁ ନୂଆ ପ୍ରଯୁକ୍ତିର ତାଲିମ ଦିଆଯାଉ, ନୂଆ କାର୍ଯ୍ୟକ୍ଷେତ୍ର ସୃଷ୍ଟି ହେଉ ଏବଂ ଅଭିଜ୍ଞତାକୁ ଅବମୂଲ୍ୟାୟନ ନକରି ନୂତନ ଜ୍ଞାନ ସହ ଯୋଡାଯାଉ। କାରଣ ଏକ ଦକ୍ଷ ସମ୍ବାଦ କକ୍ଷ ଗଢିବା ପାଇଁ ଯନ୍ତ୍ର ସହିତ ଅଭିଜ୍ଞ ସମ୍ପାଦକ, ପ୍ରଶିକ୍ଷିତ ସାମ୍ବାଦିକତା, ତଥ୍ୟ ଯାଂଚକାରୀ ଓ ଭାଷା ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି। ଆଜିର ଆଉ ଏକ ବଡ ବିପଦ ହେଉଛି ଅତି ଶୀଘ୍ର ଖବର ପ୍ରସାରଣ କରିବାର ଅନ୍ଧ ପ୍ରତିଯୋଗିତା। ପ୍ରଥମେ ଖବର ଦେବାର ଉତ୍ସାହରେ ଯଦି ତଥ୍ୟ ଯାଂଚ ହେଲା ନାହିଁ, ତେବେ ଏକ ଭୁଲ ଖବର କାହାରେ। ଜୀବନ, ପରିବାର, ସମ୍ମାନ ଓ ସମାଜର ଶାନ୍ତିକୁ ନଷ୍ଟ କରିପାରେ। ଦୁର୍ଘଟଣା, ହତ୍ୟା, ନିଖୋଜ, ନିର୍ବାଚନ, ଧାର୍ମିକ ଉତେଜନା, ପ୍ରାକୃତିକ ବିପର୍ଯ୍ୟୟ ଓ ଆଇନଶୃଙ୍ଖଳା ସମ୍ପର୍କିତ ଘଟଣାରେ ଗୋଟିଏ ଅପରୀକ୍ଷିତ ସୂଚନା ମଧ୍ୟ ବଡ ଅଶାନ୍ତିର କାରଣ ହୋଇପାରେ। ତେଣୁ ଖବରର ଗତିଠାରୁ ସତ୍ୟର ଗୁରୁତ୍ୱ ଅଧିକ । ଭୁଲ ଖବର ପ୍ରକାଶ ପାଇଲେ ନିର୍ଭୟରେ ସଂଶୋଧନ କରିବା, ଭୁଲ ସ୍ୱୀକାର କରିବା ଓ ପାଠକଙ୍କୁ ସ୍ପଷ୍ଟୀକରଣ ଦେବା ମଧ୍ୟ ଜଣେ ଦାୟିତ୍ୱବାନ ସମ୍ପାଦକଙ୍କ କର୍ତବ୍ୟ। ଆଜି କୃତ୍ରିମ ବୁଦ୍ଧମତା ଦ୍ୱାରା ନକଲି ଛବି, ନକଲି ସ୍ୱର, ମିଥ୍ୟା ଦୃଶ୍ୟ ଓ ମନଗଢା ବକ୍ତବ୍ୟ ପ୍ରସ୍ତୁତ କରିବା ସହଜ ହୋଇଛି। ତେଣୁ କୌଣସି ଦୃଶ୍ୟ କିମ୍ବା ଶବ୍ଦକୁ ଦେଖିବାମାତ୍ରେ ସତ୍ୟ ବୋଲି ଗ୍ରହଣ କରିବା ଭୟଙ୍କର ଭୁଲ। ଉତ୍ସ ଯାଂଚ, ଦୁଇଟି ସ୍ୱାଧୀନ ସୂତ୍ରରୁ ସୂଚନା ନିଶ୍ଚିତ କରିବା, ପ୍ରମାଣର ସତ୍ୟତା ପରୀକ୍ଷା ଏବଂ ଆବଶ୍ୟକ ସ୍ଥଳେ ବିଶେଷଜ୍ଞଙ୍କ ମତ ନେବା ଏବେ ସାମ୍ବାଦିକତାର ଅପରିହାର୍ଯ୍ୟ ଅଂଶ ହୋଇପଡିଛି। ଏହି ସମସ୍ତ ଆହ୍ୱାନ ମଧ୍ୟରେ ଆମେ ଆଉ ଏକ କଠୋର ସତ୍ୟକୁ ଅଣଦେଖା କରିପାରିବ ନାହିଁ । ସାମ୍ବାଦିକଙ୍କ ଜୀବନ ଆଜି ମଧ୍ୟ ସବୁବେଳେ ସୁରକ୍ଷିତ ନୁହେଁ। ଓଡିଶାର ମାଟିରେ ଘଟିଥିବା କିଛି ଘଟଣା ଏହି ବାସ୍ତବତାକୁ ଆମ ସମ୍ମୁଖରେ ରଖିଛି। ୨୦୨୫ ମସିହା ମେ ମାସରେ ବଲାଙ୍ଗୀର ଜିଲ୍ଲାର କୁଲଥିଆଲି ଗ୍ରାମରେ ନିର୍ମାଣ କାର୍ଯ୍ୟରେ ଅନିୟମିତତା ସମ୍ପର୍କିତ ଅଭିଯୋଗ ନେଇ ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଆକ୍ରମଣ କରାଯାଇଥିଲା। ତାଙ୍କୁ ବାନ୍ଧି ମାଡ ମରାଯିବା, ରେକର୍ଡ କରାଯାଇଥିବା ଦୃଶ୍ୟ ଧାରଣ କରୁଥିବା ଯନ୍ତ୍ର ଛଡାଇ ନିଆଯିବା ଏବଂ ଖବର ପ୍ରକାଶ ନକରିବାକୁ ଧମକ ଦିଆଯିବା ଭଳି ଅଭିଯୋଗ ସାମ୍ନାକୁ ଆସିଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର ଆୟୋଗ ମଧ୍ୟ ସ୍ୱତଃ ସଂଜ୍ଞାନ ଗ୍ରହଣ କରିଥିଲେ। ସେହିପରି ୨୦୨୫ ଜୁଲାଇ ୧୨ ତାରିଖରେ ମାଲକାନଗିରି ଜିଲ୍ଲାରେ ସାମ୍ବାଦିକ

ଆଞ୍ଚଳିକ ସମୟ

ସୋମବାର, ୧୬ ନଭେମ୍ବର ୨୦୨୬, ଭୁବନେଶ୍ୱର Monrday,16 November 2026, Bhubaneswar



୨୦୧୪ ପରେ ଭାରତରେ ଶେଷ ହୋଇଯାଇଛି ଲୋକତନ୍ତ୍ର

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ହାଇଦ୍ରାବାଦର ଇଣ୍ଟରନ୍ୟାସନାଲ୍ କନଭେନସନ୍ ସେଣ୍ଟରରେ ଚାଲିଥିବା ଭାରତ ସମିଟ୍ ୨୦୨୬ର ଶେଷ ଦିନରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଭାକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ କେନ୍ଦ୍ର ସରକାର, ନିର୍ବାଚନ କମିସନ ଏବଂ ବିଜେପି ଉପରେ ତୀବ୍ର ଆକ୍ରମଣ କରିଛନ୍ତି।ରାହୁଲ କହିଛନ୍ତି, ''ମୁଁ ସେହି ସମସ୍ତ ପ୍ରତିନିଧିଙ୍କୁ କ୍ଷମା ମାଗିବାକୁ ଚାହୁଁଛି, ଯେଉଁମାନେ ଏହି ସମ୍ମିଳନୀକୁ ଆସିବାର ଥିଲା, କିନ୍ତୁ ଭାରତ ସରକାରଙ୍କ କାରଣରୁ ଆସିପାରିଲେ ନାହିଁ। ଏଥିରେ ଆମର କୌଣସି ଭୁଲ୍ ନାହିଁ। ଏଥିରୁ ଆପଣମାନେ ଅନୁମାନ କରିପାରୁଥିବେ ଯେ ଆମେ ଏଠାରେ କେଉଁଭଳି ପରିସ୍ଥିତିର ସମ୍ମୁଖୀନ ହେଉଛୁ।''ଏହାସହ ରାହୁଲ ଗାନ୍ଧୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) ପ୍ରକ୍ରିୟାରେ ଭୋଟର୍ଙ୍କ ନାମ କଟାଯିବା, ନିର୍ବାଚନରେ ଅନିୟମିତତା ଓ ଭୋଟ୍ ଜାଲିଆତି ଭଳି ଅନେକ ପ୍ରସଙ୍ଗ ଉଠାଇଥିଲେ। ନିଜ ଭାଷଣରେ ସେ ୨୦୧୪ ମସିହାରୁ ଦେଶରେ ଗଣତନ୍ତ୍ର ଶେଷ ହୋଇଯାଇଥିବା ଅଭିଯୋଗ କରିଛନ୍ତି।ଫାସିବାଦ ପ୍ରସଙ୍ଗ ଉଠାଇ ରାହୁଲ କହିଛନ୍ତି, ''ଫାସିବାଦୀ ଲୋକମାନଙ୍କ ସ୍ୱର ସବୁବେଳେ ଉଚ୍ଚ ଥାଏ। କିଛି ଲୋକ ନିଜକୁ ସର୍ବଜ୍ଞ ବୋଲି ଭାବନ୍ତି। ସେମାନେ ସବୁଠାରେ ଉପସ୍ଥିତ ଥାଆନ୍ତି, କିନ୍ତୁ ଅନ୍ୟମାନଙ୍କ କଥା ଶୁଣନ୍ତି ନାହିଁ। ଅନ୍ୟପଟେ ଅଧିକାଂଶ ଲୋକ ବିନମ୍ର



ହୋଇଥାଆନ୍ତି।''ରାହୁଲ ଗାନ୍ଧୀ କହିଛନ୍ତି, ''ମୁଁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ କହିପାରିବି ଯେ ଆମେ ମୋଦୀଙ୍କୁ ହରାଇବାକୁ ଯାଉଛୁ। ଆମେ ତାଙ୍କ ଶାସନରୁ ମୁକ୍ତି ପାଇବାକୁ ଯାଉଛୁ। ଆପଣମାନେ ରାସ୍ତାଘାଟରେ ଏହାର ସଙ୍କେତ ଦେଖିପାରିବେ। ମୋଦୀ ଓ ଅମିତ ଶାହଙ୍କ ମନରେ ଥିବା ଭୟରୁ ମଧ୍ୟ ଏହା ସ୍ପଷ୍ଟ ହେଉଛି। ଏହା ଆଗରୁ ହିଁ ସ୍ଥିର ହୋଇସାରିଛି।''ରାହୁଲ ଆହୁରି କହିଛନ୍ତି, ''ଗତ ଏକ ଦଶନ୍ଧି ଧରି ଫାସିବାଦୀ ଲୋକମାନେ ଚିତ୍କାର କରିଆସୁଛନ୍ତି। ଅନ୍ୟପଟେ ଅଧିକାଂଶ ଜନସାଧାରଣ ଦେଶରେ କ'ଣ ଘଟୁଛି, ତାହା ଦେଖୁଛନ୍ତି। ୨୦୧୪ରେ ଆମେ ଏଭଳି ଏକ ନିର୍ବାଚନ ଦେଖିଥିଲୁ, ଯାହା ପୂର୍ବରୁ କେବେ ଦେଖିନଥିଲୁ। ନିର୍ବାଚନରେ ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ କରାଯାଇଥିଲା।'' ସେ କହିଛନ୍ତି, ''ପୂର୍ବରୁ ନିର୍ବାଚନରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। କିନ୍ତୁ ୨୦୧୪ର ନିର୍ବାଚନ ପରେ ବିରୋଧୀ ଦଳ ସ୍ତବ୍ଧ ହୋଇଯାଇଥିଲେ। ଆମେ ଗତ ଏକ ଦଶନ୍ଧି ଧରି ସେହି ସ୍ତବ୍ଧ ଅବସ୍ଥାରେ ରହିଛୁ।''ରାହୁଲ ଗାନ୍ଧୀ କହିଛନ୍ତି, ''୨୦୧୪ ଲୋକସଭା ନିର୍ବାଚନରେ ୧୪ କୋଟି ଲୋକ ଭୋଟ୍ ଦେଇଥିଲେ। କିନ୍ତୁ ସେମାନଙ୍କୁ ଅସ୍ତିତ୍ୱ ନଥିବା ଭୋଟର୍ କିମ୍ବା ଅଣଭୋଟର୍ ଭାବେ ଚିହ୍ନଟ କରାଗଲା। ଯଦି ନିର୍ବାଚନ କମିସନ ୧୪ କୋଟି ଭୋଟର୍ଙ୍କୁ ଅବୈଧ ଘୋଷଣା କରିଛନ୍ତି, ତେବେ ନିର୍ବାଚନ କିପରି ବୈଧ ହୋଇପାରିବ''ମହାରାଷ୍ଟ୍ରର ଉଦାହରଣ ଦେଇ ସେ କହିଛନ୍ତି, ''ଲୋକସଭା ନିର୍ବାଚନରେ ଆମ ମେଣ୍ଟ ବିଜୟୀ ହୋଇଥିଲା। କିନ୍ତୁ ତିନି ମାସ ପରେ ଆମେ ପରାଜିତ ହେଲୁ। ଏହାକୁ ନେଇ ରାଜନୈତିକ ମେଣ୍ଟ ଉପରେ ପ୍ରଶ୍ନ ଉଠିଥିଲା। ଏହି ସମୟରେ ୭୦ ଲକ୍ଷ ନୂଆ ଭୋଟର୍ଙ୍କୁ ଯୋଡ଼ାଯାଇଥିଲା ଏବଂ ସେମାନେ ବିଜେପିକୁ ଭୋଟ୍ ଦେଇଥିଲେ। ଫଳରେ ବିଜେପି ନିର୍ବାଚନ ଜିତିଥିଲା।''ରାହୁଲ କହିଛନ୍ତି, ''କଂଗ୍ରେସ ଦଳ ସନ୍ଧିଧାନ ଓ ସ୍ୱାଧୀନତା ପାଇଁ ଲଢେଇ କରିଛି। ଆମେ ଭାବୁଥିଲୁ ଯେ ଆମର ଇତିହାସ ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ ହୋଇଛି। କିନ୍ତୁ ଯାତ୍ରା ସମୟରେ ଆମେ ଅନୁଭବ କଲୁ ଯେ ଆମର ଇତିହାସ ଏହାଠାରୁ ଅଧିକ ପୁରୁଣା।'' ସେ କହିଛନ୍ତି, ''ଆମକୁ ଦୁଇଟି ଶକ୍ତିଶାଳୀ ଅସ୍ତ୍ର ମିଳିଛି। ତାହା ହେଉଛି ସତ୍ୟ ଓ ଅହିଂସା। ଏହି ଦୁଇଟି ଅତ୍ୟନ୍ତ ଶକ୍ତିଶାଳୀ ଅସ୍ତ୍ର। କ୍ରୋଧ, ହିଂସା, ଭୟ ଓ ଘୃଣା ଦ୍ୱାରା କୌଣସି ସମାଧାନ ହେବ ନାହିଁ। କେବଳ ପ୍ରେମ ହିଁ କାମ କରିବ। ସେଥିପାଇଁ ଆମେ ଲୋକମାନଙ୍କ କଥା ଭିନ୍ନ ଢଙ୍ଗରେ ଶୁଣିବା ଏବଂ ସେମାନଙ୍କ ସହ ନୂଆ ଉପାୟରେ ସମ୍ପର୍କ ସ୍ଥାପନ କରିବା ଆରମ୍ଭ କରିଛୁ।''

ବୋହୂଙ୍କୁ ନିର୍ବାଚନ ଜିତାଇବାକୁ କଲମା ପଢ଼ିଲେ ବିଜେପିର ପୂର୍ବତନ ବିଧାୟକ

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ହିନ୍ଦୁତ୍ୱ ରାଜନୀତିକୁ ନେଇ ସ୍ୱର ଉତ୍ତୋଳନ କରୁଥିବା ଭାରତୀୟ ଜନତା ପାର୍ଟି (ବିଜେପି)ର ଜଣେ ପ୍ରମୁଖ ନେତା ତଥା ସାତ ଥରର ପୂର୍ବତନ ବିଧାୟକ ରାଜେନ୍ଦ୍ର ରାଠୋର ନିର୍ବାଚନ ରାଲିରେ କଲମା ପଢ଼ି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ରାଠୋର ସମ୍ପ୍ରତି ରାଜସ୍ଥାନର ଚୁରୁରେ ଏକ ସାଧାରଣ ସଭାରେ ଇସଲାମର ପ୍ରଥମ କଲମା ପାଠ କରିଥିଲେ। ତାଙ୍କ ବୋହୂ କନିକା ସିଂହ ଚୁରୁ ଜିଲ୍ଲା ପରିଷଦ ନିର୍ବାଚନରେ ୱାର୍ଡ ୨୩ ରୁ ନିର୍ବାଚନ ଲଢୁଛନ୍ତି।ପିଥିସର ଗାଁରେ ଏକ ଜନସଭାକୁ ସମ୍ବୋଧିତ କରି ବିଜେପି ବିଧାୟକ କହିଥିଲେ, ମୋର ଗୋଟିଏ ନିବେଦନ ଈଶ୍ୱର ଜଣେ (ଖୁଦା ଜଣେ, ଭଗବାନ ଜଣେ) । ଏହାପରେ ସେ 'ଲା ଇଲାହା ଇଲ୍ଲଲ୍ଲାହ ମୁହମ୍ମଦୁର ରସୁଲୁଲ୍ଲାହ' କଲମା ପଢ଼ିଥିଲେ। ଇସଲାମରେ ଏହାର ଅର୍ଥ, ଆଲ୍ଲାହଙ୍କ ବ୍ୟତୀତ ଆଉ କୌଣସି ଈଶ୍ୱର ପୂଜା ଯୋଗ୍ୟ ନୁହନ୍ତି। ମହମ୍ମଦ ଆଲ୍ଲାହଙ୍କ ଦୂତ। ଏହାପରେ ସେ ମହାତ୍ମା ଗାନ୍ଧୀଙ୍କ ପ୍ରାର୍ଥନା 'ଈଶ୍ୱର ଆଲ୍ଲା ତେରୋ ନାମ୍, ସବକୋ ସଦ ?ବ୍ଧି ଦେ ଭଗବାନ...ଆମେ ସମସ୍ତେ ଏକ ଓ ଆମ ଭିତରେ ଗୋଟିଏ ରକ୍ତ ପ୍ରବାହିତ ହେଉଛି ବୋଲି କହିଥିଲେ। ରାଠୋରଙ୍କ ବୋହୂ ମଧ୍ୟ ଏକ ନିର୍ବାଚନୀ ସଭାରେ 'ଅସଲାମୁ ଅଲେକୁମ୍' କହି ଲୋକମାନଙ୍କୁ ସ୍ୱାଗତ କରିଥିଲେ। ସେ ଯେଉଁ ୱାର୍ଡରୁ ନିର୍ବାଚନ ଲଢୁଛନ୍ତି ସେଠାରେ କାୟମଖାନି ମୁସଲମାନମାନଙ୍କର ସଂଖ୍ୟା ଅଧିକ।

ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ବଡ଼ ଘୋଷଣା

ବୃଦ୍ଧି ପାଇଲା ସହିଦଙ୍କ ପରିବାରକୁ ଦିଆଯାଉଥିବା ଆର୍ଥିକ ସହାୟତା ରାଶି

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶନିବାର ଦିନ ମେରଠରେ ଆୟୋଜିତ 'ପୂର୍ବତନ ସୈନିକ ସମ୍ମିଳନୀ' ରେ ଯୋଗ ଦେଇଥିଲେ। ମେରଠ ସହର ଏହାର ବିପ୍ଳବାତ୍ମକ ଇତିହାସ ପାଇଁ ଜଣାଶୁଣା। ଏହି କାର୍ଯ୍ୟକ୍ରମରେ, ମୁଖ୍ୟମନ୍ତ୍ରୀ ଯୋଗୀ 'ଅଗ୍ନିବୀର' (ଅଗ୍ନିପଥ ଯୋଜନା ଅଧୀନରେ ନିଯୁକ୍ତ କର୍ମୀ) ମାନଙ୍କ ସାମାଜିକ ସେବା ସମାପ୍ତ ହେବା ପରେ ସେମାନଙ୍କ ସମ୍ମାନରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି।ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ, ' ଯେ ଉତ୍ତର ପ୍ରଦେଶ ହେଉଛି ବୀରମାନଙ୍କ ଭୂମି, ଯେଉଁଠାରେ ୨୦ ଲକ୍ଷ ସାମାଜିକ କର୍ମଚାରୀ ଏବଂ ପୂର୍ବତନ ସୈନିକ ବସବାସ କରନ୍ତି। ପ୍ରତିବର୍ଷ ସମଗ୍ର ଦେଶରେ ସଶସ୍ତ୍ର ବାହିନୀରୁ ଯେଉଁ ୬୦,୦୦୦ କର୍ମଚାରୀ ଅବସର ନିଅନ୍ତି, ସେମାନଙ୍କ ମଧ୍ୟରୁ ୧୨,୦୦୦ ଜଣ ଉତ୍ତର ପ୍ରଦେଶର ଅଟନ୍ତି। ରାଜ୍ୟରେ ଏପରି ହଜାର ହଜାର ପରିବାର ଅଛନ୍ତି ଯେଉଁଠାରେ ପିଢ଼ି ପରେ ପିଢ଼ି ଦେଶସେବା କରିଆସୁଛନ୍ତି। ଜେଜେବାପା ଓ ବାପାଙ୍କ ପରେ ଆଜି ସେମାନଙ୍କ ପୁଅ ଓ ଝିଅମାନେ ସାମ୍ନାରେ ମୁତୟନ ହୋଇ ଦେଶର ସୁରକ୍ଷା ଦାୟିତ୍ୱ ତୁଲାଉଛନ୍ତି। ସହିଦମାନଙ୍କ ପରିବାରକୁ ଦିଆଯାଉଥିବା ଆର୍ଥିକ ସହାୟତା ରାଶିକୁ ୨୦ ଲକ୍ଷ ଟଙ୍କାରୁ ବୃଦ୍ଧି କରି ୫୦ ଲକ୍ଷ ଟଙ୍କା କରାଯାଇଛି।ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସହିଦମାନଙ୍କ ପରିବାରବର୍ଗଙ୍କୁ ନିଯୁକ୍ତି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସଶସ୍ତ୍ର ବାହିନୀର ଶୃଙ୍ଖଳା ଦ୍ୱାରା ଗଢ଼ି ଉଠିଥିବା ଯୁବକମାନେ ରାଜ୍ୟ ପାଇଁ ଶକ୍ତିର ଉତ୍ସ ହେବେ; ଏଥିପାଇଁ ୨୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତିନୋଟି ଘୋଷଣା କରିଛନ୍ତି। ଏହି ଘୋଷଣା ମଧ୍ୟରେ ଚଳିତ ବୀରତ୍ୱ ପୁରସ୍କାର ପାଇଁ ଦିଆଯାଉଥିବା ଅର୍ଥରାଶିକୁ ଦ୍ୱିଗୁଣିତ କରାଯାଇଛି, ଘର କିଣିବା ପାଇଁ ଷ୍ଟାମ୍ପ ଶୁଳ୍କ ଛାଡ଼ ପାଇଁ ଦିଆଯାଉଥିବା ସାମାଜୁ ୨୦ ଲକ୍ଷ ଟଙ୍କାରୁ ବୃଦ୍ଧି କରି ୫୦ ଲକ୍ଷ ଟଙ୍କା କରାଯାଇଛି, ସହିଦଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି।

ଯୋଗୀଙ୍କ ଦାବି ଉପରେ ପ୍ରଶ୍ନ ଉଠାଇଲେ କପିଲ ସିବଲ

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟର ଭୋଟର ତାଲିକାରୁ ୧ କୋଟି ୨୭ ଲକ୍ଷ ହିନ୍ଦୁ ଭୋଟରଙ୍କ ନାଁ କଟିଥିବା ନେଇ ବାରମ୍ବାର ଦାବି କରୁଥିବାବେଳେ ଏହାକୁ ନେଇ ରାଜ୍ୟସଭା ସାଂସଦ କପିଲ ସିବଲ ପ୍ରଶ୍ନ ଉଠାଇଛନ୍ତି। ସିବଲ ଶନିବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରି ଯୋଗୀଙ୍କୁ ତାଙ୍କ ଦାବି ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବାକୁ କହିଛନ୍ତି। କେଉଁ ନିର୍ବାଚନ ମଣ୍ଡଳୀରୁ କେଉଁ ଭୋଟରଙ୍କ ନାଁ କଟିଛି ଓ ତାହା କିପରି ଜଣାପଡ଼ିଲା ସେ ନେଇ ତଥ୍ୟ ସ୍ପଷ୍ଟ କରିବାକୁ ସେ କହିଛନ୍ତି।ସିବଲ ଅଭିଯୋଗ କରିଛନ୍ତି ଯେ, ନଚେତ୍ ଏହାଦ୍ୱାରା ଫର୍ମ ୮ ମାଧ୍ୟମରେ କଟାଯାଇ ନଥିବା ନାମଗୁଡ଼ିକ ପୁନର୍ବାର ଭୋଟର ତାଲିକାରେ ଯୋଡ଼ାଯିବାର ଆଶଙ୍କା ରହିଛି। ଏହା ନିର୍ବାଚନୀ ଫଳାଫଳକୁ ପ୍ରଭାବିତ କରିପାରେ ବୋଲି ଯୁକ୍ତି ରଖିଥିଲେ। ଭୋଟର ତାଲିକା ସଂଶୋଧନରେ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ଉପରେ ମଧ୍ୟ ସିବଲ ସନ୍ଦେହ ପ୍ରକାଶ କରିଛନ୍ତି। ଫର୍ମ-୬ ନୂଆ ନାଁ ଯୋଡ଼ିବା, ଫର୍ମ-୭ ନାଁ କାଟିବା ଓ ଫର୍ମ-୮ ଠିକଣା ପରିବର୍ତ୍ତନ କିମ୍ବା ତଥ୍ୟ ସଂଶୋଧନ ପାଇଁ ବ୍ୟବହୃତ ହୁଏ। ଏହି ତିନିଟି ଫର୍ମର ଦୁରୁପଯୋଗ ହୋଇଥିବା ସେ ଅଭିଯୋଗ କରିଛନ୍ତି। ମହାରାଷ୍ଟ୍ରର ପୁଣେରେ ଏନ୍ସିପି ନେତା ଅଜିତ ଗଭାନେଙ୍କ ଦ୍ୱାରା ଫର୍ମ-୭ ମାଧ୍ୟମରେ ୫୮ ଜଣଙ୍କ ନାଁ ଭୁଲ୍‌ରେ କଟାଯିବା ଅଭିଯୋଗର ଉଦାହରଣ ଦେଇ ସେ କହିଛନ୍ତି, ତଦନ୍ତରେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଏଭଳି ୫,୬୦୩ଟି ମାମଲା ସାମ୍ନାକୁ ଆସିଛି। ପିମ୍ପରି, ଥାଣେ ଓ ଖଡ଼କୱାସଲାରେ ବିନା କ୍ଷେତ୍ର ଯାଞ୍ଚରେ ଠିକଣା ବଦଳ ଆବେଦନ ମଞ୍ଜୁର ହୋଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏହା ସହ ଚନ୍ଦ୍ରଶେଖର ଆଜାଦଙ୍କ ଆଜାଦ ସମାଜ ପାର୍ଟି (କାଂଶୀରାମ) ଓ ଅସଦୁଦ୍ଦିନ ଅୱେସୀଙ୍କ ଏଆଇଏମ୍ଆଇଏମ୍ ମେଣ୍ଟ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ଭୋଟକୁ ପ୍ରଭାବିତ କରିପାରେ ବୋଲି ସେ କହିଛନ୍ତି।

୧୯୮୦ରେ ସୁଯୋଗ ହାତଛଡ଼ା କରିଥିଲା ଭାରତ, ଚୀନ ଆଗେଇଗଲା

ରାଜୀବ ଗାନ୍ଧୀଙ୍କୁ ଦାୟୀ କଲେ ଜୟଶଙ୍କର

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ଶିକ୍ଷାୟନ ଦିଗରେ ଦ୍ରୁତି ଗତିରେ ଆଗକୁ ବଢ଼ିଥିବାବେଳେ ଭାରତ ଏହି ସୁଯୋଗର ସଠିକ୍ ଉପଯୋଗ କରିପାରିନଥିଲା ବୋଲି ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍ ସମିଟ୍ ୨୦୨୬ରେ ଯୋଗଦେଇ ଜୟଶଙ୍କର ଭାରତ-ଚୀନ୍ ସମ୍ପର୍କ ଓ ଦୁଇ ଦେଶର ଆର୍ଥନୈତିକ ବିକାଶ ମଧ୍ୟରେ ଥିବା ପାର୍ଥକ୍ୟ ଉପରେ ମତ ଦେଇଥିଲେ।ଜୟଶଙ୍କର କହିଛନ୍ତି, ଯେଉଁଥିପାଇଁ ବର୍ତ୍ତମାନ ସମୟରେ ଦୁଇ ଦେଶର ଅର୍ଥନୀତି ମଧ୍ୟରେ ବଡ଼ ବ୍ୟବଧାନ ଆସିଯାଇଛି। ଏଥିପାଇଁ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଦାୟୀ କରିଛନ୍ତି। ଜୟଶଙ୍କର କହିଛନ୍ତି, ଯେତେବେଳେ ରାଜୀବ ଗାନ୍ଧୀ ୧୯୮୮ ମସିହାରେ ବେଜିଂ ଗସ୍ତ କରିଥିଲେ, ସେତେବେଳେ ଭାରତ ଓ ଚୀନର ଅର୍ଥନୀତି ସମାନ ଆକାରର ଥିଲା। କିନ୍ତୁ ଚୀନ୍ ବ୍ୟାପକ ଆଧୁନିକୀକରଣ ଓ ଶିକ୍ଷାୟନ ଆରମ୍ଭ କରିଥିବାବେଳେ ଭାରତ ସେହି ସୁଯୋଗ ହାତଛଡ଼ା କରିଥିଲା।ସୂଚନାଯୋଗ୍ୟ, ୧୯୭୮ରେ ଦେଙ୍ଗ୍ ଜିଆଓପିଙ୍ଗ୍ଙ୍କ ନେତୃତ୍ୱରେ ଚୀନ୍ ଅର୍ଥନୈତିକ ସଂସ୍କାର ଆରମ୍ଭ କରିଥିଲା। ବିଶେଷ ଅର୍ଥନୈତିକ



କ୍ଷେତ୍ର (ଏସ୍ଇଜେଡ୍) ପ୍ରତିଷ୍ଠା କରିବା ସହ ଉତ୍ପାଦନ ଓ ରପ୍ତାନିକୁ ଗୁରୁତ୍ୱ ଦେଇଥିଲା। ଅନ୍ୟପକ୍ଷରେ ଭାରତରେ ବ୍ୟାପକ ଅର୍ଥନୈତିକ ଉଦାରୀକରଣ ୧୯୯୧ରେ ଆରମ୍ଭ ହୋଇଥିଲା। ଚୀନ୍ ବିଶ୍ୱର ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବେ ନିଜକୁ ଗଢ଼ିଥିବାବେଳେ ଭାରତ ପରବର୍ତ୍ତୀ ସମୟରେ ସୂଚନା ପ୍ରଯୁକ୍ତି ଓ ସେବା କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେଇଥିଲା।ଜୟଶଙ୍କର ଭାରତ-ଚୀନ୍ ସୀମା ବିବାଦ ଉପରେ ମତ ରଖିଛନ୍ତି। ସେ କହିଛନ୍ତି ଯେ, ଚୀନ୍ ସହିତ ଭାରତର ସୀମା ଏବେ ଅଧିକ ସକ୍ରିୟ ହୋଇଛି। ଗଲୱାନ ପ୍ରସଙ୍ଗ ଉଠାଇ ଜୟଶଙ୍କର କହିଛନ୍ତି, ସୀମାରେ ସେନା ମୁତୟନ କରିବା ଓ ଦୀର୍ଘ ସମୟ ଧରି ସେନାର ଆବଶ୍ୟକତା ପୂରଣ କରିବାରେ ଆମର କ୍ଷମତା ଉନ୍ନତ ହୋଇଛି। ସୀମାନ୍ତ ଭିତ୍ତିଭୂମିର ବିକାଶକୁ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ପ୍ରାୟ ଏକ ଦଶନ୍ଧି ପୂର୍ବରୁ ସୀମାନ୍ତ ଭିତ୍ତିଭୂମିକୁ ଯେଉଁଭଳି ଅବହେଳା କରାଯାଉଥିଲା, ଏବେ ସେହି ସ୍ଥିତିରେ ପରିବର୍ତ୍ତନ ଆସିଛି ବୋଲି ସେ କହିଛନ୍ତି।

ଇସ୍ତଫା ଦେଲେ ହରଦୀପ୍ ପୁରୀ

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ଶନିବାର ଉତ୍ତରପ୍ରଦେଶରୁ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରୁଥିବା ଆସନରୁ ଇସ୍ତଫା ଦେଇଛନ୍ତି। ବରିଷ୍ଠ ସଦନ ସଦସ୍ୟ ଭାବେ ମଧ୍ୟପ୍ରଦେଶରୁ ନିର୍ବିରୋଧ ଭାବେ ନିର୍ବାଚନରେ ବିଜୟ ହେବାର କିଛି ଦିନ ପରେ ପୁରୀ ଏହି ଇସ୍ତଫା ଦେଇଛନ୍ତି। ରାଜ୍ୟସଭାର ମହାସଚିବ ପିସି ମୋଦୀ ଜାରି କରିଥିବା ଏକ ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟସଭା ଅଧ୍ୟକ୍ଷ ସିପି



ରାଧାକୃଷ୍ଣନ ନଭେମ୍ବର ୧୪ ତାରିଖରୁ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି। ଉତ୍ତର ପ୍ରଦେଶରୁ ରାଜ୍ୟସଭା ସଦସ୍ୟ ଭାବେ ପୁରୀଙ୍କ କାର୍ଯ୍ୟକାଳ ନଭେମ୍ବର ୨୫ରେ ଶେଷ ହେଉଥିଲା। ତେବେ ନଭେମ୍ବର ୫ ତାରିଖରେ ସେ ମଧ୍ୟପ୍ରଦେଶରୁ ନିର୍ବାଚିତ ହୋଇଥିଲେ, ଯାହା ଫଳରେ ତାଙ୍କର ନୂଆ କାର୍ଯ୍ୟକାଳ ୨୦୩୦ ମସିହା ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏଲ୍ ମୁରୁଗନ୍ ଖାଲି କରିଥିବା ଆସନରୁ ପୁରୀ ନିର୍ବାଚିତ ହୋଇଥିଲେ। ତାମିଲନାଡୁରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ମୁରୁଗନ୍ ଏହି ଆସନରୁ ଇସ୍ତଫା ଦେଇଥିଲେ।

ପଞ୍ଜାବ ତରଣତାରଣରେ ମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରା ବସ୍ ଦୁର୍ଘଟଣାଗ୍ରସ୍ତ, ୪ ମୃତ

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ଜମ୍ମୁ-କାଶ୍ମୀର-ରାଜସ୍ଥାନ ଜାତୀୟ ରାଜମାର୍ଗର ନୌସହରା ପନୁଆଁ ନିକଟରେ ଶନିବାର ମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରା ସମ୍ପର୍କିତ ଦୁଇଟି ବସ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଫଳରେ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୮ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ବସ୍ ଦୁଇଟି ଫିରୋଜପୁରରୁ ଅମୃତସର ଶ୍ରୀହରିମନ୍ଦିର ଶାହିବ ଦର୍ଶନ ପାଇଁ ଯାତ୍ରୀ ନେଇଯାଉଥିଲେ। ନୌସହରା ପନୁଆଁ ନିକଟରେ ରୋଡ ଡିଭାଇଡର କଟରୁ ଏକ ବାଇକ୍ ପଶି ଆସିବାରୁ ଆଗରେ ଥିବା ତୀର୍ଥଯାତ୍ରୀ ବସ୍ ଟି ବ୍ରେକ୍ ଲଗାଇଥିଲା, ଫଳରେ ପଛରେ ଥିବା ମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରୀ ବସ୍ ଧକ୍କା ଦେଇଥିଲା।ଏହି ଧକ୍କା ଏତେ ଜୋରଦାର ଥିଲା ଯେ ବିସ୍ଫୋରଣ ଭଳି ଶବ୍ଦ ହୋଇଥିଲା। ସଡ଼କ ସୁରକ୍ଷା ଫୋର୍ସ ଟିମ୍ ତୁରନ୍ତ ଦୁର୍ଘଟଣାସ୍ଥଳକୁ ପହଞ୍ଚିବା ସହ ମୃତାହତ ଯାତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ପଠାଇଥିଲା। ସିଭିଲ ସର୍ଜନ ଡା. ସନ୍ଦୀପ ଧାବନ ଜରୁରିକାଳୀନ ପରିସ୍ଥିତି ଘୋଷଣା କରି ସବୁ ଆମ୍ବୁଲାନ୍ସକୁ ଦୁର୍ଘଟଣାସ୍ଥଳକୁ ପଠାଇଥିଲେ ଓ ଡାକ୍ତରମାନଙ୍କୁ ଏମାର୍ଜେନ୍ସି ୱାର୍ଡକୁ ଡକାଇଥିଲେ। ହସ୍ପିଟାଲରେ ଭର୍ତ୍ତି ଆହତ ଯାତ୍ରୀଙ୍କ ମଧ୍ୟରୁ ୧୦ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତୀର୍ଥଯାତ୍ରୀ ବସ୍ ମଧ୍ୟରେ ଦୁର୍ଘଟଣ



ଚରିତ୍ର ଗଠନ, ଦେଶପ୍ରେମ ଓ ଈଶ୍ୱରପ୍ରାପ୍ତିର ଅନ୍ୱେଷଣ ମାଧ୍ୟମରେ ଶିକ୍ଷାର ନୂତନ ପରିଭାଷା ଗଢୁଛି ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ୍ ସ୍କୁଲ

କେନ୍ଦୁଝର, ୧୫।୧୧ (ନି.ପ୍ର) : ଏହି ଶିଶୁ ଦିବସ ଅବସରରେ ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ (ୟୁଜିଆଇଏସ୍) ଆଧୁନିକ ଶିକ୍ଷା ବ୍ୟବସ୍ଥା ସମ୍ମୁଖରେ ରହିଥିବା ଏକ ମୌଳିକ ପ୍ରଶ୍ନ ଉପରେ ଆଲୋକପାତ କରିଛି; ବିଦ୍ୟାଳୟଗୁଡିକ କ'ଣ କେବଳ ଶିଶୁମାନଙ୍କୁ ପୁନିଆରେ ସଫଳ ହେବା ପାଇଁ ପ୍ରସ୍ତୁତ କରୁଛନ୍ତି, ନା ଜୀବନର ବିଭିନ୍ନ ଆହ୍ୱାନକୁ ସାମ୍ନା କରିବା ପାଇଁ ଆବଶ୍ୟକ ଜ୍ଞାନ, ଚରିତ୍ର ଓ ଦକ୍ଷତା ମଧ୍ୟ ପ୍ରଦାନ କରୁଛନ୍ତି ? ୟୁଜିଆଇଏସ୍‌ର ଶିକ୍ଷାଦର୍ଶନର କେନ୍ଦ୍ରବିନ୍ଦୁ ହେଉଛି ପରମହଂସ ଯୋଗାନନ୍ଦଙ୍କ ଚିନ୍ତାଧାରାରୁ ଅନୁପ୍ରଣିତ ସ୍ୱତନ୍ତ୍ର 'ହାଓ ଟୁ ଲିଭ୍' ପାଠ୍ୟକ୍ରମ। ଶିକ୍ଷା କେବଳ ପାଠପଢାରେ ସୀମିତ ନଚହି ମନ, ଶରୀର ଓ ଆତ୍ମାର ସାମଗ୍ରିକ ବିକାଶରେ ସହାୟକ ହେବା ଉଚିତ ବୋଲି ଏହି ପାଠ୍ୟକ୍ରମ ବିଶ୍ୱାସ କରେ। ଏହା ଚାରିଟି ପରସ୍ପର ସଂଯୁକ୍ତ ସ୍ତମ୍ଭ ଉପରେ ଆଧାରିତ: ଶରୀର ଯତ୍ନର ବିଜ୍ଞାନ ଓ ବ୍ୟବହାରିକ ଦକ୍ଷତା (ସାଇନ୍ସ ଅଫ୍ ବଡିକେୟାର ପ୍ରାକ୍ଟିକାଲ୍ ଏପ୍ଲିସିଏନ୍ସି), ମାନସିକ ଇଞ୍ଜିନିୟରିଂ (ମେଣ୍ଟାଲ ଇଞ୍ଜିନିୟରିଂ), ସାମାଜିକ କଳା (ସୋସିଆଲ ଆର୍ଟସ୍) ଏବଂ ପ୍ରୟୋଗାତ୍ମକ ଆଧ୍ୟାତ୍ମିକ ବିଜ୍ଞାନ (ଆପ୍ଲାଏଡ ସ୍ପିରିଚୁଆଲ୍ ସାଇନ୍ସ)। ଏହି ଚାରିଟି ସ୍ତମ୍ଭ ମାଧ୍ୟମରେ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ସୁଦୃଢ଼, ସାମାଜିକ ଭାବେ ଦାୟିତ୍ୱବାନ୍ ଏବଂ ଆଧ୍ୟାତ୍ମିକ ଭାବେ ସଚେତନ ବ୍ୟକ୍ତିତ୍ୱ ଗଢିବାର ଲକ୍ଷ୍ୟ ରଖାଯାଇଛି।

ଏହି ପାଠ୍ୟକ୍ରମର ପ୍ରଥମ ସ୍ତମ୍ଭ ଶାରୀରିକ ସୁସ୍ଥତା, ନିଜର ଯତ୍ନ ଓ ଦୈନନ୍ଦିନ ଜୀବନର ବ୍ୟବହାରିକ ଦକ୍ଷତାକୁ ଗୁରୁତ୍ୱ ଦିଏ। ମାନସିକ ଇଞ୍ଜିନିୟରିଂ ଏକାଗ୍ରତା, ଭାବନାତ୍ମକ ସନ୍ତୁଳନ ଓ ସ୍ପଷ୍ଟ ଚିନ୍ତନଶକ୍ତିର ବିକାଶ କରେ। ସାମାଜିକ କଳା ସହାନୁଭୂତି, ସହଯୋଗ, ଯୋଗାଯୋଗ ଓ ସାମାଜିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରେ। ସେହିପରି ପ୍ରୟୋଗାତ୍ମକ ଆଧ୍ୟାତ୍ମିକ ବିଜ୍ଞାନ ଆତ୍ମସଚେତନତା, ଆତ୍ମଶୃଙ୍ଖଳା ଏବଂ ଦୈନନ୍ଦିନ ଜୀବନରେ ଆଧ୍ୟାତ୍ମିକ ମୂଲ୍ୟବୋଧର ପ୍ରୟୋଗକୁ ଉତ୍ସାହିତ କରେ। ପୂର୍ବାଞ୍ଚଳର ଆଧ୍ୟାତ୍ମିକ ଜ୍ଞାନ ଓ ଆଧୁନିକ ଶିକ୍ଷାର ଶୃଙ୍ଖଳାର ସମନ୍ୱୟ ମାଧ୍ୟମରେ ଏହି ଚରିତ୍ର ସ୍ତମ୍ଭ ବୌଦ୍ଧିକ ବିକାଶ, ଭାବନାତ୍ମକ ସନ୍ତୁଳନ ଓ ସାମାଜିକ ଚେତନାକୁ ସୁଦୃଢ଼ କରେ। ଜ୍ଞାନ ସଫଳତାର ପଥ



ଖୋଲିଥାଏ, କିନ୍ତୁ ଚରିତ୍ର ସଫଳତାର ଉଦ୍ଦେଶ୍ୟ ନିର୍ଦ୍ଧାରଣ କରେ। ତେଣୁ ଶିଶୁମାନଙ୍କୁ ସଚ୍ଚୋଟତା ଓ କରୁଣା ସହିତ ନିଜର ଲକ୍ଷ୍ୟ ହାସଲ କରିବା ସହ ବ୍ୟକ୍ତିଗତ ସଫଳତା ଓ ସମାଜସେବାକୁ ପରସ୍ପର ପରିପୂରକ ଭାବେ ଦେଖିବାକୁ ପ୍ରେରିତ କରାଯାଏ। ଏହି ଶିକ୍ଷାଦର୍ଶନ ସମ୍ପର୍କରେ ମତ ରଖି ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ସଭାପତି ଡ.ପ୍ରଦୀପ ସେଠୀ କହିଛନ୍ତି, 'ଆମେ ପ୍ରାୟତଃ ନମ୍ବର, ଡିଗ୍ରୀ ଓ ବୃତ୍ତିଗତ ସଫଳତା ଆଧାରରେ ଶିକ୍ଷାର ମୂଲ୍ୟାଙ୍କନ କରୁ। କିନ୍ତୁ ଶିକ୍ଷାର ପ୍ରକୃତ ପରୀକ୍ଷା ହେଉଛି ଜଣେ ବ୍ୟକ୍ତି କିପରି ଜୀବନ ଯାପନ କରୁଛନ୍ତି, ଆହ୍ୱାନଗୁଡିକର କିପରି ସାମ୍ନା କରୁଛନ୍ତି ଏବଂ ସମାଜ ପ୍ରତି କିପରି ଅବଦାନ ରଖୁଛନ୍ତି। 'ହାଓ ଟୁ ଲିଭ୍' ପାଠ୍ୟକ୍ରମ ମାଧ୍ୟମରେ ଆମର ଉଦ୍ୟମ ହେଉଛି ଏପରି ଶିଶୁମାନଙ୍କୁ ଗଢିବା, ଯେଉଁମାନେ କେବଳ ଜ୍ଞାନୀ ଓ ଉଚ୍ଚାଭିଳାଷୀ ନୁହନ୍ତି, ବରଂ କରୁଣାଶୀଳ, ଶୃଙ୍ଖଳିତ ଓ ଅନ୍ୟମାନଙ୍କ ପ୍ରତି ନିଜର ଦାୟିତ୍ୱ ସମ୍ପର୍କରେ ସଚେତନ ହେବେ। ଏହାର ଚରିତ୍ର ସ୍ତମ୍ଭ ଆମର ଏହି ବିଶ୍ୱାସକୁ ପ୍ରତିଫଳିତ କରେ ଯେ, ଶିଶୁର ବିକାଶରେ ଶରୀର, ମନ ଓ ସାମାଜିକ ଆଚରଣ ତଥା ଆଭ୍ୟନ୍ତରୀଣ ଜୀବନକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ପରମହଂସ ଯୋଗାନନ୍ଦଙ୍କ ଚିନ୍ତାଧାରାରୁ ଅନୁପ୍ରଣିତ ହୋଇ ଆମେ ବିଶ୍ୱାସ କରୁ ଯେ, ଆଧ୍ୟାତ୍ମିକ ବିକାଶ ଓ ସାଂସାରିକ ଆକାଂକ୍ଷା ପରସ୍ପରର ପରିପୂରକ ହୋଇପାରନ୍ତି। ଆମେ ଚାହୁଁ ଶିଶୁମାନେ ନିଜର ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖି ଶ୍ରେଷ୍ଠତା ହାସଲ କରନ୍ତୁ ଏବଂ ବୁଝନ୍ତୁ ଯେ ସଫଳତାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଏହାକୁ ମାନବ ସେବାରେ ନିୟୋଜିତ କରିବା। 'ଶିକ୍ଷା ଓ ସେବା ମାଧ୍ୟମରେ ସୁଯୋଗ ସୃଷ୍ଟି କରିବାର ଏକ ବ୍ୟାପକ ପ୍ରତିବଦ୍ଧତାକୁ ଏହି ଅନୁଷ୍ଠାନ ପ୍ରତିଫଳିତ କରେ। ବର୍ତ୍ତମାନ ପ୍ରାୟ ୪୦୦ ଜଣ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବା ୟୁଜିଆଇଏସ୍ ଏପରି ଏକ ଶିକ୍ଷଣ ପରିବେଶ ଗଢିବାକୁ ଉଦ୍ୟମ କରୁଛି, ଯେଉଁଠାରେ ଶିକ୍ଷା, ପାଠ୍ୟପୁସ୍ତକ ଓ ପରୀକ୍ଷାର ସୀମା ଅତିକ୍ରମ କରି ଶିଶୁମାନଙ୍କର ବୌଦ୍ଧିକ, ଭାବନାତ୍ମକ, ଶାରୀରିକ ଓ ଆଧ୍ୟାତ୍ମିକ ବିକାଶରେ ସହାୟକ ହେବ। ପରିଶେଷରେ 'ହାଓ ଟୁ ଲିଭ୍' ପାଠ୍ୟକ୍ରମ ଏକ ସରଳ କିନ୍ତୁ ଗଭୀର ବିଶ୍ୱାସ ଉପରେ ଆଧାରିତ: ଶିକ୍ଷା କେବଳ ଜୀବିକା ନିର୍ବାହ କରିବାର କୌଶଳ ଶିଖାଇବାରେ ସୀମିତ ନରହି, କିପରି ଜୀବନ ବଞ୍ଚିବାକୁ ହୁଏ, ତାହା ମଧ୍ୟ ଶିଖାଇବା ଉଚିତ। କାରଣ, ଜୀବନ ନାମକ ପରୀକ୍ଷା ଜଣେ ଶିଶୁଙ୍କ ପକ୍ଷରୁ କୌସିସିବିଦ୍ୟାଳୟ ଦେଇପାରିବ ନାହିଁ।

ଓଡ଼ିଶାର ସ୍ୱାଦ, ସଂସ୍କୃତି ଓ କାହାଣୀକୁ ନୂଆ ରୂପ ଦେବ ହାପିଡେଣ୍ଟର 'ଜଗମଗ୍ଗାହାନିୟାଁ'

ଭୁବନେଶ୍ୱର, ୧୫।୧୧ (ନି.ପ୍ର) : ପରଫେଟି ଭାନ୍ ମେଲେ ଇଣ୍ଡିଆର ପ୍ରମୁଖ ଗମ୍ ବ୍ରାଣ୍ଡ ହାପିଡେଣ୍ଟ ପକ୍ଷରୁ ଓଡ଼ିଶାର ସମୃଦ୍ଧ ଖାଦ୍ୟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ପାଳନ କରିବା ଉଦ୍ଦେଶ୍ୟରେ ଡିଜିଟାଲ୍-ପ୍ରଥମ ଫୁଡ୍ ସିରିଜ୍ 'ଜଗମଗ୍ କାହାନିୟାଁ: ଓଡ଼ିଶାର ଗପ' ଆରମ୍ଭ କରାଯାଇଛି। ମାଷ୍ଟରସେଫ୍ ଇଣ୍ଡିଆ ସିଜନ୍ ୫ ବିଜେତା ସେଫ୍ ଅବିନାଶ ନାୟକଙ୍କ ଦ୍ୱାରା ଉପସ୍ଥାପିତ ଏହି ଚାରି ଭାଗ ବିଶିଷ୍ଟ ୟୁଟ୍ୟୁବ୍ ସିରିଜ୍ ?ରେ ପୁରୀ, କଟକ, ଚିଲିକା ଓ ଭୁବନେଶ୍ୱରର ଖାଦ୍ୟ ପରମ୍ପରା ସହ ଜଡ଼ିତ ରୋଚକ କାହାଣୀକୁ ସ୍ଥାନ ଦିଆଯାଇଛି। ଏଥିରେ ପୁରୀର ରଥଯାତ୍ରା ଓ ମହାପ୍ରସାଦ, କଟକର ଲୋକପ୍ରିୟ ଦହିବରା-ଆଳୁଦମ୍, ଚିଲିକାର ସ୍ୱତନ୍ତ୍ର ଖାଦ୍ୟ ପରମ୍ପରା ଏବଂ ଓଡ଼ିଶାର ପ୍ରସିଦ୍ଧ ମିଠା ଛେନାପୋଡ଼ର ଉତ୍ପତ୍ତି କାହାଣୀକୁ ଆକର୍ଷଣୀୟ ଢଙ୍ଗରେ ଉପସ୍ଥାପନ କରାଯାଇଛି। ଏହି ଅବସରରେ ପରଫେଟି ଭାନ୍ ମେଲେ ଇଣ୍ଡିଆର ମାର୍କେଟିଂ ଡାଇରେକ୍ଟର ଗୁଞ୍ଜନ ଖେତାନ



କହିଛନ୍ତି, "ହାପିଡେଣ୍ଟ ସର୍ବଦା ଏଭଳି କାହାଣୀ ସୃଷ୍ଟି କରିବାରେ ବିଶ୍ୱାସ କରେ, ଯାହା ଦୈନନ୍ଦିନ ମୁହୂର୍ତ୍ତଗୁଡ଼ିକରେ ଟିକିଏ ଉଜ୍ଜ୍ୱଳତା ଆଣିଥାଏ। 'ଜଗମଗ୍ କାହାନିୟାଁ: ଓଡ଼ିଶାର ଗପ' ମାଧ୍ୟମରେ ଆମେ ଓଡ଼ିଶାର ସମୃଦ୍ଧ ଖାଦ୍ୟ ସଂସ୍କୃତି ଓ ଏହାକୁ ସ୍ୱତନ୍ତ୍ର କରୁଥିବା କାହାଣୀଗୁଡ଼ିକୁ ସାମ୍ନାକୁ ଆଣୁଛୁ। ଖାଇବା ପରବର୍ତ୍ତୀ ମୁହୂର୍ତ୍ତ ସହ ଜଡ଼ିତ ଏକ ବ୍ରାଣ୍ଡ ଭାବେ, ଖାଦ୍ୟ, ସ୍ମୃତି ଓ ହସର ଏହି ଯାତ୍ରାରେ ହାପିଡେଣ୍ଟ ସ୍ୱାଭାବିକ ଭାବରେ ଯୋଡ଼ି ହୋଇଛି।"

ସେଫ୍ ଅବିନାଶ ନାୟକ କହିଛନ୍ତି, "ମୋ ପାଇଁ ଓଡ଼ିଶାର ଖାଦ୍ୟ କେବଳ ରେସିପି ନୁହେଁ, ବରଂ ପ୍ରତ୍ୟେକ ଖାଦ୍ୟ ସହ ଜଡ଼ିତ ସ୍ମୃତି, ସ୍ଥାନ, ଲୋକ ଓ କାହାଣୀର ଏକ ଅନନ୍ୟ ସମାହାର। ଏହି ସିରିଜ୍ ମାଧ୍ୟମରେ ପୁରୀର ମହାପ୍ରସାଦ, କଟକର ଦହିବରା-ଆଳୁଦମ୍, ଚିଲିକାର ସ୍ୱାଦ ଓ ଛେନାପୋଡ଼ର ମିଠା କାହାଣୀକୁ ପୁଣିଥରେ ଅନୁଭବ କରିବାର ସୁଯୋଗ ପାଇଛି। ଖାଦ୍ୟ କେବଳ ଆମେ କ'ଣ ଖାଉଛୁ ତାହା ନୁହେଁ, ଏହା ଆମ ସଂସ୍କୃତି, ଭାବନା ଓ ଖାଇବା ପରେ ମଧ୍ୟ ଦୀର୍ଘ ସମୟ ଧରି ମନରେ ରହିଯାଉଥିବା କଥାବାର୍ତ୍ତାର ପ୍ରତିଫଳନ।" ଏହି ସିରିଜ୍ ?ର ଚାରିଟି ଅଧ୍ୟାୟ ଯଥା 'ପୁରୀ: ରଥ ଚାଲିବ, ରସ ଚାଲିବ', 'କଟକ: ଦହିବରା ଆଳୁଦମ୍ ଦିନ', 'ଚିଲିକା: ଚିଲିକାର ଖଜାନା' ଏବଂ 'ଭୁବନେଶ୍ୱର: ମିଠା ଶେଷ' ହାପିଡେଣ୍ଟ ଇଣ୍ଡିଆର ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍ ?ରେ ଉପଲବ୍ଧ ରହିଛି।

ଆଞ୍ଜେଲ୍ ୱାନ ଏବେ ୬୯.୯୮ ଲକ୍ଷ ସକ୍ରିୟ ଗ୍ରାହକଙ୍କ ସହିତ ଭାରତର ଦ୍ୱିତୀୟ ସର୍ବବୃହତ ଷ୍ଟକ୍ ବ୍ରୋକର

ଭୁବନେଶ୍ୱର, ୧୫।୧୧ (ନି.ପ୍ର) : ଆଞ୍ଜେଲ ୱାନ୍ ଲିମିଟେଡ୍ ଆନୁଷାନିକ ଭାବରେ ଭାରତର ଦ୍ୱିତୀୟ ସର୍ବବୃହତ ସକ୍ରିୟ ଗ୍ରାହକ ବିଶିଷ୍ଟ ଷ୍ଟକ୍ ବ୍ରୋକର୍ ହୋଇଛି ଏବଂ ୨୦୨୬ ମସିହା ଅକ୍ଟୋବର ମାସରେ ଏହା ସମୁଦାୟ ଚାରିକୋଟି ଗ୍ରାହକଙ୍କ ସଂଖ୍ୟା ଅତିକ୍ରମ କରିଛି। ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ୍ ?(ଏନ୍.ଏସ୍.ଇ.)ର ସର୍ବଶେଷ ରିପୋର୍ଟ ୧ସି ଅନୁଯାୟୀ, କମ୍ପାନୀଟି ୬୯.୯୮ ଲକ୍ଷ ସକ୍ରିୟ ଗ୍ରାହକ ପଞ୍ଜିକରଣ କରିଛି, ଯାହା ଏକ୍ସଚେଞ୍ଜ୍ ?ର ମୋଟ ସକ୍ରିୟ ଗ୍ରାହକ ଆଧାରର ପ୍ରାୟ ୧୫ ପ୍ରତିଶତ। କେବଳ ଅକ୍ଟୋବର ମାସ ମଧ୍ୟରେ ଏହି ସଂସ୍ଥାଟି ୨.୪୩ ଲକ୍ଷ ନିଟ୍ ସକ୍ରିୟ ଗ୍ରାହକ ଯୋଡ଼ିଛି, ଏବଂ ଏହା ସହିତ ନଅ ମାସ ମଧ୍ୟରେ ସର୍ବାଧିକ ଅର୍ଥାତ୍ ? ୬.୬ ଲକ୍ଷ ମୋଟ ଗ୍ରାହକ ଯୋଡ଼ି ହୋଇଛନ୍ତି। ଏହି ଅଭିବୃଦ୍ଧି ଦ୍ୱାରା, ଆଞ୍ଜେଲ ୱାନ୍ ?ର ମୋଟ ଗ୍ରାହକ ଆଧାର ବାର୍ଷିକ ଭିତ୍ତିରେ ୧୭.୪ ପ୍ରତିଶତ ବୃଦ୍ଧି ପାଇ ୪.୦୬ କୋଟିରେ ପହଞ୍ଚିଛି। ଏହି ବ୍ରୋକରେଜ୍ ସଂସ୍ଥାଟି ଏହାର ପ୍ରଯୁକ୍ତିବିଦ୍ୟା-ଚାଳିତ ଆର୍ଥିକ ପ୍ଲାଟଫର୍ମକୁ ବ୍ୟାପକ କରି ଭାରତର ପୁଞ୍ଜି ବଜାରରେ ନିଜର ସ୍ଥିତିକୁ ଆହୁରି ମଜବୁତ କରୁଛି। ଇକ୍ୱିଟି, ମ୍ୟୁଚୁଆଲ୍ ଫଣ୍ଡ, କର୍ପୋରେଟ୍ ବଣ୍ଡଠାରୁ ଆରମ୍ଭ କରି ଓ୍ୱେଲ୍ଥ ମ୍ୟାନେଜମେଣ୍ଟ୍ ଏବଂ ଅ।ମେରିକୀୟ ଷ୍ଟକ୍‌ନିବେଶ ପର୍ଯ୍ୟନ୍ତ ସମସ୍ତ ସେବା ଯୋଗାଇ ଦେଇ କମ୍ପାନୀଟି ନିଜକୁ ଏକ ସମ୍ପୂର୍ଣ୍ଣ ଆର୍ଥିକ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠା କରୁଛି। ଏହା ବ୍ୟତୀତ, ଆଞ୍ଜେଲ ୱାନ୍ ଏସଆଇପି ପଞ୍ଜୀକରଣରେ ଦ୍ୱିତୀୟ ସର୍ବବୃହତ ଅବଦାନକାରୀ ଭାବରେ ସାମ୍ନାକୁ ଆସିଛି, ଯାହା ଖୁଚୁରା ନିବେଶକମାନଙ୍କର ବୃଦ୍ଧି ପାଉଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି।



ଇଣ୍ଡେଲ ମନିର ୨୦୨୬-୨୭ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଟିକସ ପରବର୍ତ୍ତୀ ଲାଭ ୨୨୨% ବୃଦ୍ଧି

ଭୁବନେଶ୍ୱର, ୧୫।୧୧ (ନି.ପ୍ର) : ଇଣ୍ଡେଲ ଗ୍ରୁପର ସଂସ୍ଥା ତଥା ସୁନା ଋଣ ପ୍ରଦାନ କରୁଥିବା ଅଣ ବ୍ୟାଙ୍କିଂ ଆର୍ଥିକ କମ୍ପାନି (ଏନବିଏଫସି) ୨୦୨୬-୨୭ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରେ ?ମାସିକରେ ୭୯.୮୯ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି ଯାହା ବାର୍ଷିକ ଭିତ୍ତିରେ ୨୨୨% ଅଧିକ। କମ୍ପାନିର ନିର୍ଦ୍ଦେଶକଙ୍କ ବୋର୍ଡ ପକ୍ଷରୁ ଆର୍ଥିକ ଫଳାଫଳ ମୁର କରାଯାଇଛି। ୨୦୨୬ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ଅର୍ଦ୍ଧବାର୍ଷିକରେ କମ୍ପାନିର ଟିକସ ପରବର୍ତ୍ତୀ ଲାଭ ବାର୍ଷିକ ୧୨୧% ବୃଦ୍ଧି ପାଇ ୧୦୭.୬୨ କୋଟି ଟଙ୍କା ହୋଇଛି। କମ୍ପାନିର ପରିଚାଳନା ଅଧୀନ ସମ୍ପତ୍ତି (ଏୟୁଏମ) ୮୩% ବୃଦ୍ଧି ସହ ୫୦୧୫ କୋଟି ଟଙ୍କା ହୋଇଛି। ନିଟ ଆୟ ୧୧୧% ବୃଦ୍ଧି ପାଇ ୧୫୯.୮୧ କୋଟି ଟଙ୍କା ଏବଂ ନିଟ ସୁଧ ଆୟ ୧୧୮% ବୃଦ୍ଧି ପାଇ ୧୪୫ କୋଟି ଟଙ୍କା ହୋଇଛି। ଇଣ୍ଡେଲ ମନିର ପ୍ରି-ପ୍ରୋଭିଜନ ପରିଚାଳନା ଲାଭ (ପିପିଓପି) ୧୮୨% ବୃଦ୍ଧି ପାଇ ୯୮.୯୫ କୋଟି ଟଙ୍କା ହୋଇଛି। କମ୍ପାନିର ମୋଟ ଏନପିଏ ୧.୪୧% ରହିଛି ଓ ତାହା କ୍ରମାଗତ ଭାବେ ହ୍ରାସ ପାଉଛି। ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନିର ସଂପତି ଉପରେ ରିଟର୍ଣ୍ଣ (ଆରସଏ) ୪.୮୫% ଓ ଦ୍ୱିତୀୟ ତ୍ରେ ?ମାସିକରେ ୬.୮୫% ରହିଛି। ସିଆରଏଆର ୨୨.୨୦% ରହିଛି ଯାହା ବେ ?ଧାନିକ ଆବଶ୍ୟକତା ୧୫%ଠାରୁ ଅଧିକ। ଦ୍ୱିତୀୟ ତ୍ରୈମାସିକରେ କମ୍ପାନି ୧୪୯୬ କୋଟି ଟଙ୍କାର ପାଣ୍ଠିକୁ ଏନଏସଡି ଓ ମିଆଦି ଋଣ ଜରିଆରେ ସଂଗ୍ରହ କରିଛି, ଯାହା ଫଳରେ ଅର୍ଦ୍ଧବାର୍ଷିକ ସୁଦ୍ଧା ସଂଗ୍ରହ ୨୨୨୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ତ୍ରୈମାସିକ ଓ ଅର୍ଦ୍ଧବାର୍ଷିକରେ କମ୍ପାନିର ଆବଂଟନ ଯଥାକ୍ରମେ ୨୪୮୦ କୋଟ ଟଙ୍କା ଓ ୪୫୦୦ କୋଟି ଟଙ୍କା ହୋଇଛି। ଏହି ତ୍ରେ ?ମାସିକରେ କମ୍ପାନି ୨୭ଟି ନୂଆ ଶାଖା ଖୋଲିବାରୁ ମୋଟ ଶାଖା ସଂଖ୍ୟା ୪୨୭ରେ ପହଂଚିଛି। ଇଣ୍ଡେଲ ମନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଉମେଶ ମୋହନନ କହିଛନ୍ତି ଯେ, 'ବିଗତ ତ୍ରୈମାସିକଗୁଡ଼ିକରେ ଇଣ୍ଡେଲ ମନି ଗଢ଼ି ଥିବା ଦୃଢ଼ ଧାରାର ପ୍ରତିଫଳନ ୨୦୨୬-୨୭ ଦ୍ୱିତୀୟ ତ୍ରୈମାସିକରେ ଦେଖିବାକୁ ମିଳିଛି। ଲାଭରେ ଉଲ୍ଲେଖନୀୟ ଉନ୍ନତି ସହିତ ଦୃଢ଼ ଏୟୁଏମ ସମ୍ପ୍ରସାରଣ ଆମ ପରିଚାଳନା ବ୍ୟାପକ ହେଉଥିବା ଓ ଆମ ଗ୍ରାହକଙ୍କ ଦୃଢ଼ତାକୁ ଦର୍ଶାଉଛି। ଅଣ ସେବାପ୍ରାପ୍ତ ଓ ଉଦୀୟମାନ ବଜାର ସମେତ ଭାରତୀ ସୁନା ଋଣ ବଜାରରେ ଅଭିବୃଦ୍ଧିର ଉଲ୍ଲେଖନୀୟ ସୁଯୋଗ ଥିବା ଆମେ ଦେଖିପାରୁଛୁ। ଆମେ ଆମ ବିତରଣ ନେଟୱର୍କର ସମ୍ପ୍ରସାରଣ କରୁଥିବା ବେଳେ କୋ-ଲେଣ୍ଡିଂ ସହଯୋଗିତାକୁ ବ୍ୟବହାର କରି ଆମର ଉପସ୍ଥିତିର ସମ୍ପ୍ରସାରଣ କରୁଥିବା ବେଳେ ବ୍ୟବସାୟରେ ବିବିଧତା ଆରୁଛୁ। ଏକ ଦୃଢ଼ ପରିଚାଳନା ମୁଳଦୁଆ ଓ ଏକ ସ୍ୱଚ୍ଛ ଅଭିବୃଦ୍ଧି ରୋଡମ୍ୟାପ ସହିତ ୨୦୨୬-୨୭ ଆର୍ଥିକ ବର୍ଷର ବ୍ୟବସାୟ ଲକ୍ଷ୍ୟ ହାସଲ କରିବା ଓ ଆମ ଅଂଶୀଦାରଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଇଣ୍ଡେଲ ମନି ପକ୍ଷରୁ ଗୋଦରେଜ ଫାଇନାନ୍ସ ସହ ଏକ କୋ-ଲେଣ୍ଡିଂ ଚୁକ୍ତି କରାଯାଇଛି ଏବଂ ଏହି ତ୍ରୈମାସିକରେ ଆବଂଟନ ଆରମ୍ଭ କରାଯାଇଛି। ତିନିଟି ସଂସ୍ଥା ସହ କୋ-ଲେଣ୍ଡିଂ ଚୁକ୍ତି ଅଧୀନରେ କମ୍ପାନି ୨୦୨୬ ସେପ୍ଟେମ୍ବର ସୁଦ୍ଧା ୧୪୦୦ କୋଟି ଟଙ୍କା ଆବଂଟନ କରିଛି। ଆଗାମୀ ଦିନରେ କମ୍ପାନି ଅନ୍ୟ ଆର୍ଥିକ ଅନୁଷ୍ଠାନଗୁଡ଼ିକ ସହ ସେହି ଧରଣର ବୁଝାମଣା କରିବାକୁ ଲକ୍ଷ୍ୟ ରଖିଛି। ଏଥି ସହିତ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସୁନା ଋଣ ଏୟୁଏମକୁ ୬୨୦୦ କୋଟିରୁ ଅଧିକ ଟଙ୍କାରେ ପହଂଚାଇବା ଏବଂ ଆସନ୍ତା ତିନି ବର୍ଷ (ଆର୍ଥିକ ବର୍ଷ ୨୦୨୯-୩୦) ସୁଦ୍ଧା ଆଇପିଓ ଆଣିବାକୁ କମ୍ପାନି ଯୋଜନା ରଖିଛି।

ବର୍ଷ ଶେଷ ଛୁଟିରେ ମେକ ମାଇଁ ଟ୍ରିପ ପକ୍ଷରୁ ଆକର୍ଷଣୀୟ ଡିଲ

ଭୁବନେଶ୍ୱର, ୧୫।୧୧ (ନି.ପ୍ର) : ମେକ୍ମାଇଁଟ୍ରିପ ପକ୍ଷରୁ ଆଜି 'ଟ୍ରାଭେଲ କା ମୁହୂତ ସେଲ'ର ୨ୟ ସଂସ୍କରଣ ଘୋଷଣା କରାଯାଇଛି ଯାହା ବର୍ଷ ଶେଷ ଛୁଟିଦିନ ପାଇଁ ଯୋଜନା କରୁଥିବା ଭ୍ରମଣକାରୀଙ୍କ ପାଇଁ ନଭେମ୍ବର ୧୪ ତାରିଖ ୨୦୨୬ରୁ ଆରମ୍ଭ ହୋଇଛି। ଏହି ସେଲ୍ ପାଇଁ ୩୦,୦୦୦ରୁ ଅଧିକ ଘରୋଇ ଓ ୩୫୦୦ରୁ ଅଧିକ ଆନ୍ତର୍ଜାତୀୟ ହୋଟେଲ, ରିସର୍ଟ, ଭିଲ୍ଲା ଓ ହୋମ୍‌ଷ୍ଟେ, ୩୫ଟି ଏୟାରଲାଇନ ଓ ୮ଟି ବ୍ୟାଙ୍କ ମେକ୍ମାଇଁଟ୍ରିପ ସହ ସାମିଲ ହୋଇଛନ୍ତି। ଏହି ସେଲ୍ ସମୟରେ ଲୋକମାନେ ଫ୍ଲାଇଟ, ହୋଟେଲ, ହୋମଷ୍ଟେ, ହଲିଡେ ପ୍ୟାକେଜ, ବସ୍, କ୍ୟାବ, ଟ୍ରେନ, ଟୁର୍ ଓ ବିଭିନ୍ନ ଗନ୍ତବ୍ୟସ୍ଥଳୀ, ଫୋରେକ୍ସ ଓ ଭିସା ସେବା ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏହି ସେଲ୍ ସମ୍ପର୍କରେ ମେକ୍ମାଇଁଟ୍ରିପର କର୍ପୋରେଟ, ଫ୍ଲାଇଟସ, ଜିସିସି ଓ ମାର୍କେଟିଂ ବିଭାଗର ମୁଖ୍ୟ ପରିଚାଳନା ଅଧିକାରୀ ରାଜ ରିଶି ସିଂହ କହିଛନ୍ତି, "ଭାରତରେ ସପର୍ମାନେ ପାର୍ବଣ ସେଲ୍ଗୁଡିକୁ ଅପେକ୍ଷା କରିଥାନ୍ତି ଏବଂ ଆମେ ବିଶ୍ୱାସ କରୁ



ଡିସେମ୍ବର ୨୬ରୁ ୩୦ ଯାଏଁ ରାୟଗଡ଼ରେ ଜମିବ 'ଚଇତି-୨୦୨୬' ଆସର

୭ରେ ଚାଟିକଣା ଶୈବପୀଠ ଠାରୁ ହେବ ଶୁଭାରମ୍ଭ

ରାୟଗଡ଼,୧୫।୧୧ (ନି.ପ୍ର): ରାୟଗଡ଼ ମାଟିର ମହକ, ଆଦିବାସୀ କଳା-ସଂସ୍କୃତିର ଝଲକ, ପାରମ୍ପରିକ ଲୋକନୃତ୍ୟ ଓ ଲୋକକଳାର ଅପୂର୍ବ ସମ୍ଭାରକୁ ନେଇ ପୁଣିଥରେ ଜମିବ ଚଇତିର ମହାକୁମ୍ଭ। ରାୟଗଡ଼ ଜିଲ୍ଲାର ଗଣପର୍ବ ତଥା ସାଂସ୍କୃତିକ ମହାମିଳନ ଚଇତି-୨୦୨୬ ଚଳିତ ବର୍ଷ ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାୟଗଡ଼ସ୍ଥିତ ଜିଆଇଏସିଆର୍ (GIACR) ପଡ଼ିଆ ଠାରେ ମହା ସମାରୋହରେ ଆୟୋଜିତ ହେବାକୁ ଯାଉଛି। ଏହାର ପ୍ରାରମ୍ଭିକ ପର୍ବ ତଥା ବ୍ଲକସ୍ତରୀୟ ଚଇତି ଉତ୍ସବ ଡିସେମ୍ବର ୭ ତାରିଖରେ ପ୍ରସିଦ୍ଧ ଚାଟିକଣା ଶୈବପୀଠରୁ ଶୁଭାରମ୍ଭ ହେବ। ଏହି ମହୋତ୍ସବ ମାଧ୍ୟମରେ ରାୟଗଡ଼ ଜିଲ୍ଲାର ସମୃଦ୍ଧ ଆଦିବାସୀ ଐତିହ୍ୟ, ପରମ୍ପରା, କଳା ଓ ସଂସ୍କୃତିକୁ ଏକ ବ୍ୟାପକ ମଞ୍ଚରେ ପ୍ରଦର୍ଶିତ କରିବା ସହ ଜିଲ୍ଲାର ସାଂସ୍କୃତିକ ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବାର ପ୍ରୟାସ କରାଯିବ। ଚଇତି-୨୦୨୬ର ସଫଳ, ଆକର୍ଷଣୀୟ ଓ ସୁବ୍ୟବସ୍ଥିତ ଆୟୋଜନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲାସ୍ତରୀୟ



ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାୟଗଡ଼ ବିଧାୟକ ଶ୍ରୀ ଅପ୍ପଲା ସ୍ୱାମୀ କାତ୍ରାକା ଯୋଗଦେଇ ଚଇତି ମହୋତ୍ସବକୁ ଜନସାଧାରଣଙ୍କ ମହୋତ୍ସବ ଭାବେ ଗଢ଼ିତୋଳିବା ଦିଗରେ ନିଜର ମତାମତ ଓ ପରାମର୍ଶ ରଖିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଏସ୍.?ଡିସି ଅଧ୍ୟକ୍ଷ ଶ୍ରୀ ବିଦ୍ୟାଧର ଶବର, ଏସ୍.?ଡିସି ଉପାଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଳା ମିଣିଆକା ଏବଂ ପୌରପରିଷଦ ଅଧ୍ୟକ୍ଷ ଶ୍ରୀ ପି. ମହେଶ ପଟ୍ଟନାୟକ ଏହି ବୈଠକରେ ଉପସ୍ଥିତ ରହିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ, ଗୁଣପୁର ଉପଜିଲ୍ଲାପାଳ, ପୋଲିସ ବିଭାଗର ଅଧିକାରୀ, ସମାଜସେବୀ, ବୁଦ୍ଧିଜୀବୀ, ଆଇନଜୀବୀ, ବିଭିନ୍ନ ସଂଘର କର୍ମକର୍ତ୍ତା, ସମସ୍ତ ପୌରପରିଷଦ କାଉନସିଲର, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ବିଡିଓ ଓ ତହସିଲଦାରଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ। ବୈଠକରେ ଚଇତି ମହୋତ୍ସବକୁ ଅଧିକ ଆକର୍ଷଣୀୟ, ଶୃଙ୍ଖଳିତ ଓ ସର୍ବାଙ୍ଗୀନ ଭାବେ ସଫଳ କରିବା ନିମନ୍ତେ ବିଭିନ୍ନ ପ୍ରସ୍ତୁତି ଓ ଆୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ମହୋତ୍ସବରେ ଅତିଥି ଓ କଳାକାରଙ୍କ ରହଣି, ଯାତାୟାତ, ପାର୍କିଂ, ସୁରକ୍ଷା, ଆଲୋକୀକରଣ, ମଞ୍ଚ ପରିଚାଳନା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକକଳା, ଲୋକନୃତ୍ୟ ଓ ପାରମ୍ପରିକ ସାଂସ୍କୃତିକ ପରିବେଷଣକୁ ମଞ୍ଚ ପ୍ରଦାନ କରିବା ସହ ଡଙ୍ଗରିଆ ଜନଜାତିଙ୍କ ସ୍ୱତନ୍ତ୍ର ଜୀବନଶୈଳୀ, ପାରମ୍ପରିକ କଳା ଓ ସଂସ୍କୃତିକୁ ମହୋତ୍ସବରେ ପ୍ରମୁଖ ଆକର୍ଷଣ ଭାବେ ଉପସ୍ଥାପନ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତା, ଲୋକକଳା ପ୍ରଦର୍ଶନୀ ଓ ଅନ୍ୟାନ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ, କଳାକାରମାନଙ୍କୁ ପ୍ରୋତ୍ସାହନ ଓ ପୁରସ୍କାର ପ୍ରଦାନ ତଥା ବିଭିନ୍ନ ଦାୟିତ୍ୱ ନିର୍ବାହ ପାଇଁ କମିଟି ଗଠନ ସମ୍ପର୍କରେ ମଧ୍ୟ ମତବିନିମୟ ହୋଇଥିଲା। ଚଇତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ରାୟଗଡ଼ ଜିଲ୍ଲାର ସାଂସ୍କୃତିକ ଏକତା, ଐତିହ୍ୟ ଓ ଗୌରବର ପ୍ରତୀକ। ଏହା ମାଧ୍ୟମରେ ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନା, ସ୍ଥାନୀୟ କଳାକାର ଓ ଲୋକସଂସ୍କୃତିକୁ ରାଜ୍ୟ ତଥା ରାଜ୍ୟ ବାହାରେ ପରିଚିତ କରାଇବା ଦିଗରେ ମଧ୍ୟ ସୁଯୋଗ ସୃଷ ହେବ। ଜିଲ୍ଲାର ସମସ୍ତ ବିଭାଗ, ଜନପ୍ରତିନିଧି, ସାଂସ୍କୃତିକ ଅନୁଷ୍ଠାନ, ବୁଦ୍ଧିଜୀବୀ, କଳାକାର ଓ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗରେ ଚଇତି-୨୦୨୬କୁ ଏକ ଅବିସ୍ମରଣୀୟ ଜନମହୋତ୍ସବରେ ପରିଣତ କରିବା ନିମନ୍ତେ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ପାରାଦୀପ ବନ୍ଦରର ଅଧ୍ୟକ୍ଷ

ବନ୍ଦର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା

ପାରାଦୀପ, ୧୫।୧୧ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ଅବସରରେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ମହୋଦୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପାରାଦୀପ ବନ୍ଦରଠାରେ ଆୟୋଜିତ ହେବାକୁ ଯାଉଥିବା ବୋଇତ ବନ୍ଦାଣ ଉତ୍ସବ ୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ ଜଣାଇଥିଲେ। ଏହି ବାର୍ଷିକ ଉତ୍ସବ ଓଡ଼ିଶାର ଗୌରବମୟ ସାମୁଦ୍ରିକ ଐତିହ୍ୟ ଏବଂ ପ୍ରାଚୀନ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରାଇଥାଏ। ଏହା ସହିତ ଅଧ୍ୟକ୍ଷ ମହୋଦୟ ପାରାଦୀପ ବନ୍ଦରର ସାମ୍ପ୍ରତିକ କାର୍ଯ୍ୟଦକ୍ଷତା, ପଣ୍ୟ ପରିବହନ କ୍ଷେତ୍ରରେ ହାସଲ କରିଥିବା ଉପଲବ୍ଧି, ଚାଲୁ ରହିଥିବା ଭିତ୍ତିଭୂମି ବିକାଶ ପ୍ରକଳ୍ପ ଏବଂ ଭବିଷ୍ୟତର ରଣନୀତିକ ସମ୍ପ୍ରସାରଣ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବନ୍ଦର ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ମାଲ ପରିଚାଳନା କ୍ଷମତା ବୃଦ୍ଧି, ବହୁମୁଖୀ ପରିବହନ ସଂଯୋଗୀକରଣକୁ ସୁଦୃଢ଼ କରିବା, ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନ ଏବଂ କାର୍ଯ୍ୟକ୍ଷମତାରେ ଅଧିକ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଓଡ଼ିଶାର ଶିଳ୍ପାୟନ, ବାଣିଜ୍ୟ ଓ ସାମଗ୍ରିକ ଆର୍ଥିକ ପ୍ରଗତିରେ ପାରାଦୀପ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଏହି ସାକ୍ଷାତ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ସହଯୋଗ ଓ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ସହିତ ବନ୍ଦର ଭିତ୍ତିକ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ରାଜ୍ୟର ଆର୍ଥିକ ପ୍ରଗତିରେ ପାରାଦୀପ ବନ୍ଦରର ଅବଦାନକୁ ଅଧିକ ବ୍ୟାପକ କରିବା ନେଇ ମତ ବିନିମୟ ହୋଇଥିଲା।



ଶିଶୁ ଦିବସ ଅବସରରେ ବାଲ୍ୟ ବିବାହ ନିରାକରଣ ଓ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ସଚେତନତା ଶିବିର

ରାୟଗଡ଼, ୧୫।୧୧ (ନି.ପ୍ର): ଶିଶୁ ଦିବସ ଅବସରରେ ବାଲ୍ୟ ବିବାହ ନିରାକରଣ ଏବଂ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ରାୟଗଡ଼ ଆନୁକୂଲ୍ୟରେ ଏକ ସଚେତନତା ଶିବିର ଆଜି ସକାଳ ୧୧.୩୦ ମିନିଟ୍‌ରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ହାଲୁଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଚିରା ଜଜ୍ ଶ୍ରୀ ଦାମୋଦର ରଥଙ୍କ ପରାମର୍ଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣର ପାନେଲ ଓକିଲ ଶ୍ରୀ ଦେବରାଜ ନାଏକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ବାଲ୍ୟ ବିବାହକୁ ଏକ ଗୁରୁତର ସାମାଜିକ ବ୍ୟାଧି ଭାବେ ଅଭିହିତ କରି ଏହା ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ମାନସିକ ବିକାଶ ଓ ଭବିଷ୍ୟତ ଉପରେ ଗଭୀର କୁପ୍ରଭାବ ପକାଇଥାଏ ବୋଲି ଉଲ୍ଲେଖ କରିଥିଲେ। ବାଲ୍ୟ ବିବାହ ଭଳି ସାମାଜିକ କୁପ୍ରଥାର ମୂଳୋତ୍ପାଟନ ପାଇଁ ଅଭିଭାବକ, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସମାଜର ପ୍ରତ୍ୟେକ ବର୍ଗର ସକ୍ରିୟ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନେ ନିଜ ଅଭିଭାଷଣରେ ଶିଶୁ ସୁରକ୍ଷା ଆଇନ, ଶିଶୁମାନଙ୍କ ଆଇନଗତ ଅଧିକାର ଏବଂ ବାଲ୍ୟ ବିବାହ ନିରୋଧ ଆଇନର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିସହ ନିଶାଦ୍ରବ୍ୟ ସେବନର ଭୟାବହ ପରିଣାମ ଓ ଏହାର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସଚେତନ ରହିବା ସହ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଉତ୍ତମ ଚରିତ୍ର ଗଠନ, ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା। ଶିଶୁମାନଙ୍କ ସୁରକ୍ଷା, ଅଧିକାରର ସୁରକ୍ଷା ଏବଂ ଏକ ସୁସ୍ଥ ଓ ସଚେତନ ସମାଜ ଗଠନ ଦିଗରେ ଏଭଳି ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅତିଥିବୃନ୍ଦ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସକ୍ରିୟ ଉପସ୍ଥିତି ସହ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପନ ହୋଇଥିଲା।

ପଣ୍ଡିତ ନେହେରୁଙ୍କ ଜନ୍ମ ଜୟନ୍ତୀକୁ ଧୁମ୍‌ଧାମରେ ପାଳନ କଲା ଜିଲ୍ଲା କଂଗ୍ରେସ

ପାରାଦ୍ୱୀପ / ଜଗତସିଂହପୁର, ୧୫।୧୧ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ସମ୍ମାନୀୟ ଭକ୍ତ ଚରଣ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଆଧୁନିକ ଭାରତ ର ନିର୍ମାତା ତଥା ଭାରତ ମାତାର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଙ୍କ ୧୩୮ ତମ ଜନ୍ମ ଜୟନ୍ତୀ ଜିଲ୍ଲା କଂଗ୍ରେସ କମିଟି ତରଫରୁ ତା ୧୪. ୧୧. ୨୬ରିଖ ଶନିବାର ଦିନ ତରିକୁନ୍ଦ ବଜାର ଠାରେ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଙ୍କ ପୌରୋହିତ୍ୟ ରେ ଆମ ଦେଶ, ଜାତି, ବିଭିନ୍ନ କ୍ଷେତ୍ର ଓ ବିଶେଷ କରି ସମବାୟ କ୍ଷେତ୍ର ପ୍ରତି ଥିବା ପଣ୍ଡିତ ନେହେରୁ ଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋଚନା କରାଯାଇ ଭୋଟ ବଞ୍ଚାଓ - ଦେଶ ବଞ୍ଚାଓ ଚୌପାଲ କାର୍ଯ୍ୟକ୍ରମ ଉପରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା । ଏ ପରିକି କଠିନ ଆଉ ଦୂରଦିନ ସମୟରେ ଦେଶ ମାତୃକାର ପାଇଁ ପଣ୍ଡିତ ନେହେରୁ ଯୋଉ ଅବଦାନ ଦେଇ ଯାଇଛନ୍ତି ଦେଶ ତଥା ରାଜ୍ୟବାସୀ ଭୁଲି ନଯାଇ ତାଙ୍କୁ ସ୍ମରଣ କରିବା ଜରୁରୀ ସଭାପତି କହିଥିଲେ। ଏହି ପରିପ୍ରେକ୍ଷୀରେ ସର୍ବପ୍ରଥମେ ସେ ମହାପୁରୁଷ ଙ୍କ ଭଗ୍ନାବସ୍ଥା ରେ ଥିବା ପ୍ରତିମୂର୍ତ୍ତି କୁ ବ୍ଲକ ପ୍ରଶାସନ ନିକଟରେ ଅନୁରୋଧ କରାଯାଇ ପୁନଃ ଉଦ୍ଧାର କରାଯିବା ସହ, ତରିକୁନ୍ଦ ବରିଷ୍ଠ ନାଗରିକ ମଞ୍ଚ ର ସଭାପତି କେଳୁ ଚରଣ ଦାସ ଙ୍କ ଦ୍ୱାରା ଶତାଧିକ ମହିଳା, ବୁଦ୍ଧିଜୀବି, ସମବାୟବିତ ଏବଂ ଜିଲ୍ଲା କଂଗ୍ରେସ ପରିବାର ସଦସ୍ୟ ମାନଙ୍କ



ଉପସ୍ଥିତି ରେ ଉକ୍ତ ପ୍ରତିମୂର୍ତ୍ତି କୁ ଉନ୍‌ମୋଚନ କରାଯାଇଥିଲା । ପରେ ପରେ ତରିକୁନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ର କୁନି କୁନି ପିଲା ମାନଙ୍କୁ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରି ଭବିଷ୍ୟତ ଗଠନ ଦିଗରେ ନିଜକୁ ଗଢି ତୋଳିବାକୁ ସଭାପତି ପ୍ରେରଣା ଦେଇଥିଲେ। ସମବାୟ ସପ୍ତାହ ଆରମ୍ଭ ଅବସର ରେ ଜିଲ୍ଲା ର ବିଶିଷ୍ଟ ସମବାୟବିତ ଓ ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏଥିରେ ସ୍ଥାନୀୟ ବ୍ଲକ କଂଗ୍ରେସ ସଭାପତି ଆର୍ତତ୍ରାଣ ପଣ୍ଡା, ପିସିସି ସମ୍ପାଦକ ମାନସ କର, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ସୁବ୍ରତ ରାୟ, ସମ୍ପାଦକ ମାନସ ଗୋଛାୟତ, ବୃନ୍ଦାବନ ପ୍ରଧାନ, ଦିଲ୍ଲୀପ ମହାର, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ଜଗତସିଂହପୁର ବ୍ଲକ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ସଭାପତି ଲକ୍ଷ୍ମୀଧର ମଲ୍ଲିକ, ସମବାୟବିତ ସବିତା ଦଳେଇ, ମାଧବାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ରଘୁନାଥ ପତି, ସରପଞ୍ଚ କାଳନ୍ଦୀ ମହାନ୍ତି, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମହମଦ ହନିବ, ବରିଷ୍ଠ ନାଗରିକ ରଉନତ ଅଲ୍ଲୀ, ଯୁବନେତା ମୁକ୍ତାର ଅଲ୍ଲୀ, ନିହାର ଦାସ, ବ୍ଲକ କଂଗ୍ରେସ ଉପସଭାପତି ନାରାୟଣ ନାୟକ, ଛାତ୍ର କଂଗ୍ରେସ ଜିଲ୍ଲା ସଂଯୋଜକ ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ବହୁ ମହିଳା ଓ ନତୃମଣ୍ଡଳୀ ଯୋଗ ଦେଇଥିଲେ।

ଘର ଆଗରେ ଅଇଁଠା ତୋରାଣି ରଖିବାକୁ କେନ୍ଦ୍ରକରି ମାକୁ ଆକ୍ରମଣ ପୁଅକୁ କଟୁରୀ ଚୋଟ

ବଳଙ୍ଗା, ୧୫।୧୧ (ନି.ପ୍ର): ଘର ଆଗରେ ଅଇଁଠା ତୋରାଣି ରଖିବାକୁ କେନ୍ଦ୍ରକରି ବଳଙ୍ଗା ଥାନା ନୂଆ ଗୋପାଳପୁର ବସ୍ତିରେ ମା ପୁଅଙ୍କୁ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୂଚନା ମୁତାବକ ବସ୍ତିର ମହମ୍ମଦ ରସନ୍ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ମହମ୍ମଦଙ୍କ ଘର ରାସ୍ତାରେ ତାଙ୍କ ପଡ଼?ଶୀ ରଇତୁନ ବିବି ତାଙ୍କର ଏକ ଅଇଁଠା ତୋରାଣି ଥିବା ଷ୍ଟିଲ ବାଲ୍ଟିକୁ ରଖିଥିଲେ । ଯାହାକୁ ନେଇ ମହମ୍ମଦ ଘର ଆଗରେ ନରଖିବାକୁ କହିଥିଲେ। ଫଳରେ ରାଗରେ ରଇତୁନ ଭଦ୍ରକ ଜିଲ୍ଲା ଧାମ ନଗରରେ ରହୁଥିବା ତାଙ୍କର ନାତି ସେକ ଅଲ୍ଲୀକୁ ଡକାଇ ଥିଲେ। ସେକ ଅଲ୍ଲୀ ଅପରାହ୍ନ ସମୟରେ ବସ୍ତିରେ ପହଁଚି ମହମ୍ମଦଙ୍କ ଘର ଆଗରେ ଥିବା ଏକ ଲେମ୍ବୁ ଗଛକୁ କଟୁରୀ ଦ୍ୱାରା ହାଣିଥିଲେ। ମହମ୍ମଦ ଓ ତାଙ୍କ ମା କଣ ପାଇଁ ଗଛ ହାଣିଦେଲ ବୋଲି ପଚାରିବାରୁ ସେଠାରେ ଥିବା ରଇତୁନଙ୍କ ଝିଅ ଜଇତୁନ ବିବି ସେକ ଅଲ୍ଲୀ ହଠାତ ବେଲ୍ଟ ଦ୍ୱାରା ମହମ୍ମଦଙ୍କୁ ପିଟି ଥିଲେ। ମହମ୍ମଦଙ୍କ ମା ପ୍ରତିବାଦ କରିବାରୁ ତାଙ୍କୁ ମାଡ ମାରିଥିଲେ। ଏହି ସମୟରେ ସେକ ଅଲ୍ଲୀ ହାତରେ ଧରିଥିବା କଟୁରୀରେ ମହମ୍ମଦଙ୍କ ବାମ ହାତକୁ ଏକ ଚୋଟ ପକାଇ ବାରୁ ହାତରେ ଗଭୀର ଆଘାତ ଲାଗିଥିଲା। ପରେ ମହମ୍ମଦ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷରେ ରଇତୁନଙ୍କ ପକ୍ଷରୁ ମହମ୍ମଦଙ୍କ ନାମରେ ଥାନାରେ ପାଲଟା ଅଭିଯୋଗ ହୋଇଥିବା ଜଣା ପଡିଛି।

ବିଶ୍ୱ ମଧୁମେହ ଦିବସରେ ସଚେତନତା ପଦଯାତ୍ରା

କଟକ, ୧୫।୧୧ (ନି.ପ୍ର): ବିଶ୍ୱ ମଧୁମେହ ଦିବସ ଅବସରରେ କଟକରେ ମଧୁମେହ ନିୟନ୍ତ୍ରଣ ଓ ପ୍ରତିରୋଧ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୨୧୦୦ ଜଣ ଅଂଶଗ୍ରହଣ କରିଥିଲେ। ଏସ୍‌ସିବି ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷା ପ୍ରଫେସର ଡା. ପ୍ରତିଭା ପଣ୍ଡା ସକାଳ ୮ଟାରେ ଡିନ୍ କାର୍ଯ୍ୟାଳୟ ସମ୍ମୁଖରୁ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ମଙ୍ଗଳାବାଗ, ହାଡ଼ଗା ମୋଡ଼ସ୍ଥ, ମଣିସାହୁ ଛକ, ବକ୍ସିବଜାର, ସମାଜ କାର୍ଯ୍ୟାଳୟ ଦେଇ ପଦଯାତ୍ରା ବାରବାଟୀ ଦୁର୍ଗସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ମଧୁମେହର ଶୀଘ୍ର ଚିହ୍ନଟ, ନିୟମିତ ରକ୍ତଶର୍କରା ପରୀକ୍ଷା, ନିୟନ୍ତ୍ରିତ ଖାଦ୍

dishamanthan.com RNI No. ORIORI/20

ଅନୁଗୁଳ ପ୍ଲାଣ୍ଟରେ ୩୦ ହଜାର କୋଟି ନିବେଶ କରିବ ନାଲକୋ

ଭୁବନେଶ୍ୱର,୧୫।୧୧(ନି.ପ୍ର.) : ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ଅନୁଗୁଳସ୍ଥିତ ସ୍ମେଲଟର ପ୍ଲାଣ୍ଟରେ ୩୦ହଜାର କୋଟିର ନିବେଶ ସହ ସମ୍ପ୍ରସାରିତ କରିବ । ଏହି ପ୍ଲାଣ୍ଟରେ ୫ଲକ୍ଷ ଟନ୍ ଅତିରିକ୍ତ କ୍ଷମତା ଯୋଡିବ । ଏହାଦ୍ୱାରା ସ୍ମେଲଟର କ୍ଷମତା ୨ଗୁଣ ହେବ । ବର୍ତ୍ତମାନର କ୍ଷମତା ୦.୪୬ ନିୟୁତ ଟନ୍ ଥିବା ବେଳେ ଏହା ୧ନିୟୁତ ଟନ୍ ଛୁଇଁବ । ଏହି ୟୁନିଟ୍ ୨୦୩୦-୩୧ ଆର୍ଥିକ ବର୍ଷ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟ ରହିଥିବା ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସୂଚନା ଦେଇଛନ୍ତି ।

ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏକ ମିଡିଆ କନେକ୍ଟ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି ଯେ, ପ୍ରସ୍ତାବିତ ୟୁନିଟ୍ ୩୦୦ ଏକର ଜମିରେ ସ୍ଥାନ ହେବ । ଜମି ଅଧିଗ୍ରହଣ ଚୂଡାନ୍ତ ର୍ଯ୍ୟାୟରେ ପହଞ୍ଚିଛି । ଫେବୃୟାରୀ ସୁଦ୍ଧା ଡିପିଆରକୁ ମଞ୍ଜୁରୀ ମିଳିପାରେ । ସେହିଭଳି ୨୦୨୭ ଡିସେମ୍ବର ପରେ ୟୁନିଟ୍ ଲାଗି ନିର୍ମାଣ ସାମଗ୍ରୀ ପ୍ୟାକେଜିଂ ଅର୍ଡର ଦେବା ଯୋଜନା ରହିଛି । ଏହି ୟୁନିଟ୍ ଲାଗି ଏମିରେଟସ ଗ୍ଲୋବାଲ ଆଲୁମିନିୟମ ସହ ଷ୍ଟ୍ରାଟେଜିକ ଟେକ୍ନୋଲୋଜି ସହଭାଗିତା ହୋଇଛି । ଏହି ୟୁନିଟ୍‌ର ବିଜୁଳି ଚାହିଦା ପୂରଣ ଲାଗି ୧୦୮୦ ମେଗାୱାଟର କ୍ୟାପ୍ଟିଭ ଥର୍ମାଲ ପାୱାର ପ୍ଲାଣ୍ଟ ମଧ୍ୟ ସ୍ଥାନ ହେବ । ଏଥିଲାଗି ଏନ୍‌ଏଲ୍‌ସି ଇଣ୍ଡିଆ ସହ ମିଳିତ ଭାବେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଅକ୍ଷୟ ଶକ୍ତିକୁ ଥମିକତା ସ୍ୱରୂ ୨୦୦ରୁ ୨୫୦ ମେଗାୱାଟ ସଂଯୋଗ କରାଯିବ । ୨୦୩୦ ସୁଦ୍ଧା କମ୍ପାନୀର ମୋଟ୍ ବିଜୁଳି ଚାହିଦାରେ ଅକ୍ଷୟ ଶକ୍ତିର ଅଂଶ ୨୫ରୁ ୩୦% ରହିବ । ବର୍ତ୍ତମାନ କମ୍ପାନୀ ଗ୍ରୀଡକୋରୁ ୧୫୦ ମେଗାୱାଟ ସବୁଜ ଶକ୍ତି କଣୁଛ । ସମ୍ପ୍ରସାରିତ ୟୁନିଟ୍‌ରେ ୍ରାୟ ୩ହଜାର ନିଯୁକ୍ତି ସୁଯୋଗ ଆସିବା ନେଇ ପ୍ରାଥମିକ ଆକଳନ କରାଯାଇଛି । ଶ୍ରୀ ସିଂହ ପୁଣି କହିଥିଲେ ଯେ, ଦାମନଯୋଡି ରିଫାଇନାରୀ ପ୍ରକଳ୍ପରେ ୫ମ ଷ୍ଟ୍ରିମ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ । ପଟାଙ୍ଗୀରେ ନୂଆ ବକ୍ସାଇଟ୍ ଖଣି ଲିଜ୍ କମ୍ପାନୀକୁ ମିଳିଥିବା ବେଳେ ଏହା ୨ରୁ ୩ ମାସରେ ଆରମ୍ଭ ହୋଇପାରେ । ଏହାଦ୍ୱାରା ବକ୍ସାଇଟ୍ ଉତ୍ପାଦନ ୭ନିୟୁତ ଟନ୍‌ରୁ ୧୦ନିୟୁତ ଟନ୍‌ରୁ ଉର୍ଦ୍ଧ୍ୱ ରହିପାରେ । ସେହିଭଳି ଆଲୁମିନା ଉତ୍ପାଦନ ୩.୧ ନିୟୁତ ଟନ୍ ଛୁଇଁବ । ବର୍ତ୍ତମାନର ପ୍ରକଳ୍ପ ବାଦ କମ୍ପାନି ଅତିରିକ୍ତ ଗ୍ରୀନ୍ ଫିଲ୍ଡ ଆଲୁମିନିୟମ ପ୍ରକଳ୍ପ ସ୍ଥାନ ନେଇ ମଧ୍ୟ ବିଚାର କରୁଛି । ଅନୁଗୁଳ ସ୍ମେଲଟିଂ ୟୁନିଟ୍ ଆନ୍ଧ୍ରପ୍ରଦେଶ ସ୍ଥାନାନ୍ତର ହେବନି ବୋଲି ସେ ସ୍ପଷ୍ଟ କରିଛନ୍ତି । ଏହା ସହ କମ୍ପାନୀ ରିଚାଳନା ଦକ୍ଷତା ଏବଂ ଉତ୍ପାଦନ କ୍ଷେତ୍ରରେ ଏଆଇ, ମେସିନ ଲର୍ଣ୍ଣିଂ ଏବଂ ସେନସର ଆଧାରିକ ପାଇଲଟ ପ୍ରକଳ୍ପ ସ୍ଥାନ ହୋଇଛି । ଏହାଦ୍ୱାରା ଫ୍ଲାଏଆସରୁ ଆଲୁମିନା ଓ ସ୍କାଣ୍ଡିୟମ ଏବଂ ରେଡ୍‌ମଡ୍‌ରୁ ଫେରୋଗାଇଟାନିୟମ ଉତ୍ପାଦନ ହେବ । ନାଲ୍‌କୋ ଏହାର ସହାୟକ କମ୍ପାନୀ କାବିଲ ଜରିଆରେ ଆର୍ଜେଣ୍ଟିନାରେ ଲିଥିୟମ ଲାଗି ୫ଟି ଖଣି ।ଇଛି । ଏଠାରେ ୨୦୨୭ ଶେଷ ସୁଦ୍ଧା ପାଇଲଟ ପ୍ରକଳ୍ପ ସ୍ଥାନ ହେବ । କମ୍ପାନୀ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳରେ ଅଦ୍ୟାବଧିର ସବୁ ରେକର୍ଡକୁ ଭାଙ୍ଗିଛି । ୨୦୨୬-୨୭ର ପ୍ରଥମାର୍ଦ୍ଧରେ ମୋଟ ଆୟ ୧୧,୧୪୩ କୋଟି ରହିଛି । ସେହିଭଳି ରେକର୍ଡ ୫୫୩୯ କୋଟିର ଏବିଟା, ୫୧୬୦ କୋଟିର ଟିକସ ପୂର୍ବ ଲାଭ, ୩୮୩୭ କୋଟିର ଟିକସ ପରବର୍ତ୍ତୀ ଲାଭ ଏହା ହାସଲ କରିଛି । ସିଏସ୍‌ଆର ଅଧିନରେ କମ୍ପାନୀ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ, ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେଇଥିବା ଶ୍ରୀ ସିଂହ ଉଲ୍ଲେଖ କରିଛନ୍ତି । ଏହି ଅବସରରେ ଉତ୍ପାଦନ ନିର୍ଦ୍ଦେଶକ ପଙ୍କଜ କୁମାର ଶର୍ମା, ପ୍ରକଳ୍ପ ଓ ଟେକ୍ନିକାଲ ନିର୍ଦ୍ଦେଶକ ଜଗଦିଶ ଆରୋରା, ମାନବ ସମ୍ବଳ ନିର୍ଦ୍ଦେଶକ ଡ. ତାପସ କୁମାର ପଟ୍ଟନାୟକ, ଅର୍ଥ ନିର୍ଦ୍ଦେଶକ ଅଭୟ କୁମାର ବେହୁରିଆ, ବାଣିଜ୍ୟିକ ନିର୍ଦ୍ଦେଶକ ଅନିଲ କୁମାର ସିଂ, ମାନବ ସମ୍ବଳ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ ।



ବେଆଇନ ମଦ ବିକ୍ରି କାରବାର: ଜଣେ ଗିରଫ

କୁକୁଡାଖଣ୍ଡି ୧୫/୧୧: ସଦର ଥାନା ଅନ୍ତର୍ଗତ ଗୌତମୀ ଗ୍ରାମରେ ବେଆଇନ ଭାବେ ମଦ ବିକ୍ରି କରିବା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗୌତମୀ ସୁଣ୍ଡି ସାହିରେ ଚଢ଼ାଉ କରି ପୋଲିସ ଜଣେ ଅଭ୍ୟାସଗତ ମଦ ବେପାରୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି। ସୂଚନା ପ୍ରକାରେ,ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧.୫୦ ମିନିଟ୍ ସମୟରେ ଏଏସଆଇ ସିଏଚ୍.ତାରକେଶ୍ୱର ରାଓ ଗୌତମୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ସୁଣ୍ଡି ସାହିରେ ବେଆଇନ ମଦ ବିକ୍ରି ହେଉଥିବା ବିଶ୍ୱସ୍ତ ସୂଚନା ପାଇଥିଲେ। ସୂଚନା ପାଇବା ପରେ ପୋଲିସ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତ ଖସି ଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ପୋଲିସ ତାଙ୍କୁ କାବୁ କରିଥିଲା।ଚଢ଼ାଉ ବେଳେ ଘଟଣାସ୍ଥଳରୁ ୧୫୯ ପାଉଚ୍ ଦେଶୀ ମଦ ଜବତ କରାଯାଇଛି । ମୋଟ ୩୧.୮ ଲିଟର ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ଗୌତମୀ ସୁଣ୍ଡି ସାହିର ସଞ୍ଜୟ କୁମାର ସାହୁ (୫୪) ଓ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି ।

ବିଧାୟକଙ୍କ ଦ୍ୱାରା ମଧୁ ବାବୁ ପେନସନ ଯୋଜନା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ଛେଣ୍ଡିପଦା(ମୟୁନ) : ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ମଧୁ ବାବୁ ପେନସନ ଯୋଜନା (ସାମାଜିକ ସହାୟତା ଯୋଜନା) ମାଧ୍ୟମରେ ଯୋଗ୍ୟ ଚୟନ ହୋଇଥିବା ହିତାଧିକାରୀ ମାନଙ୍କୁ ମାସିକ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଅରବିନ୍ଦ ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ପଞ୍ଚାୟତ ଅଫିସ ପରିସରରେ ଛେଣ୍ଡିପଦା , ଶିମିଳିପାଳ,ବସନ୍ତ ପୁର,ମାଛ କୁଟା, ବାହାଳସାହି, କମ୍ପସଲା, ଚାଙ୍ଗୁଡିଆ, ତେନ୍ତୁଲୋଇ, କୁକୁରପେଟା ଗ୍ରାମ ପଞ୍ଚାୟତର ମୋଟ ୬୧୬ ଜଣ ବୃଦ୍ଧ ବୃଦ୍ଧା ଭିନ୍ନକ୍ଷମ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ସାମାଜିକ ସଶକ୍ତିକରଣ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ଆର୍ଥିକ ସହାୟତା କ୍ରମେ ମାସିକ ଭତ୍ତା ବଣ୍ଟନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗଷ୍ଟି ବେହେରା ଯୋଗ ଦେଇ ଭତ୍ତା ବଣ୍ଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଧକ୍ଷା ସୁମିତ୍ରା ସାହୁ,ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବରିଷ୍ଠ ନେତା ଗୋପବନ୍ଧୁ ଗଡ଼ନାୟକ, ଚୌଧୁରୀ ପ୍ରଧାନ, ସମ୍ବଲପୁର ଏମ ପି ଙ୍କ ପ୍ରତିନିଧି ବିଜୟ କୁମାର ମାଝୀ, ଯୁବ ନେତା ଅକ୍ଷୟ ପାଦ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସେହିପରି କୋଶଳ। କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୨୦ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ଅନ୍ୟ ପକ୍ଷରେ ଜରପଡା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅବସରରେ ୫୯୦ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ସେହିପରି ପାତ୍ରପଡା ପଞ୍ଚାୟତ ଅଫିସ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୮୯ ଜଣ ନୂତନ ହିତାଧିକାରୀ ମାନଙ୍କୁ ମାସିକ ଭତ୍ତା ବଣ୍ଟନ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ଅଞ୍ଚଳ ର ନିର୍ବାଚିତ ସରପଞ୍ଚ , ସମିତି ସଭ୍ୟ ସଭ୍ୟା, ରାଜନୈତିକ ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ । ସ୍ଥାନୀୟ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟକ୍ରମ ଆୟୋଜନ ସାଙ୍ଗକୁ ପରିଚାଳନା କରାଯାଇଥିଲା ।



କୋରେଇ ବ୍ଲକର ତିନି ନମ୍ବର ଜୋନ୍‌ରେ ଭତ୍ତା ବଂଟନ ସମାରୋହ

କୋରେଇ, ୧୫/୧୧ : ଆଜି ଅପରାହ୍ନ ୩ ଘଟିକା ସମୟରେ କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ନଂ ଜୋନ୍‌ରେ ପାଣିକୋଇଲି ପି.ଏମ୍.ଶ୍ରୀ ବିଦ୍ୟାପୀଠ ଠାରେ ଜୋନ୍‌ସ୍ତରୀୟ ଭତ୍ତା ବଂଟନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଜୋନ୍‌ସ୍ତରୀୟ ଭତ୍ତା ବଂଟନ ସମାରୋହରେ କୋରେଇର ମାନ୍ୟବର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀ ମାନଙ୍କୁ ଭତ୍ତା ବଂଟନ କରିଥିଲେ । କଥା ଦେଇ କଥା ରଖିଲେ ଡବଲ୍ ଇଞ୍ଜିନ୍ ସରକାର । ଆଜିଠାରୁ ଭତ୍ତା ପାଇଁ ଅପେକ୍ଷାରେ ଯୁଗ ସରିଲା । ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ରାଜ୍ୟର ୫ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଏହି ବର୍ଷ ଅକ୍ଟୋବର ମାସରୁ ଭତ୍ତା ଦେବା ଆଜିଠାରୁ ଆରମ୍ଭ ହେଲା । ଏହି କ୍ରମରେ ଆଜି କୋରେଇ ବ୍ଲକ୍ ୩ନଂ ଜୋନର ମୁଲାପାଳ ଗ୍ରାମପଂଚାୟତରେ ୯୮ ଜଣ, କରଦା ଗ୍ରାମପଂଚାୟତରେ ୧୪୯ ଜଣ, ପଥରପଦା ଗ୍ରାମପଂଚାୟତରେ ୧୨୨ ଜଣ, ପାଣିକୋଇଲି ଗ୍ରାମପଂଚାୟତରେ ୮୬ ଜଣ, ଗୋଳେଇପୁର ଗ୍ରାମପଂଚାୟତରେ ୨୦୫ ଜଣ, ବଡବିରୁଆଁ ଗ୍ରାମପଂଚାୟତରେ ୧୨୩ ଜଣ, ଖମଣ ଗ୍ରାମପଂଚାୟତରେ ୧୯୯ ଜଣ, ତଣ୍ଡରା ଗ୍ରାମପଂଚାୟତରେ ୨୫ ଜଣ, ଜହ୍ନା ଗ୍ରାମପଂଚାୟତରେ ୧୭୧ ଜଣ, ମୋଟ ୧୧୭୮ ଜଣ ହିତାଧିକାରୀ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନଙ୍କୁ ଆଜି ମାନ୍ୟବର ବିଧାୟକ କୋରେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭତ୍ତା ରାଶି ସହିତ ମିଶନ ସବୁଜ କୋରେଇ ଅଭିଯାନ ତରଫରୁ ଏକ ବୃକ୍ଷ ବଂଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଭତ୍ତା ପାଇବାପରେ ଲୋକମାନେ ବହୁତ ଖୁସି ଥିବାର ଅନୁମାନ କରାଯାଉଥିଲା । ଏହି ଜୋନ୍‌ସ୍ତରୀୟ ଭତ୍ତା ବଂଟନ କାର୍ଯ୍ୟକ୍ରମକୁ କୋରେଇ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ଅବନୀକାନ୍ତ ସାହୁ ପରିଚାଳନା କରିଥିଲେ । ୯ଗୋଟି ଗ୍ରାମପଂଚାୟତର ଗ୍ରାମପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏ.ଡି.ଓ. ଏବଂ କୋରେଇ ବ୍ଲକ୍‌ର ସମସ୍ତ ଜେ.ଇ., ଏବଂ ସମସ୍ତ ପଦାଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋରେଇ ବ୍ଲକ୍ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ଧଳ, ପ୍ରୀତିରଞ୍ଜନ ସାହୁ, ଯାଜପୁର ଜିଲ୍ଲା ମହିଳା ସଭାପତି ଦିପ୍ତିମୟୀ କୁଅଁର, ପାଣିକୋଇଲି ପୂର୍ବତନ ସମିତି ସଭ୍ୟ ଏସ୍.କେ. ଜହର ଅଲ୍ଲୀ, ମୁଲାପାଳ ସରପଂଚ ଜୟନ୍ତ ନାୟକ, ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା, ଗୋଳେଇପୁର ସରପଂଚ ସସ୍ମିତା ମାଝୀ, ବଡବିରୁଆଁ ସରପଂଚ ତପନ ମାଝୀ, ତଣ୍ଡରା ସରପଂଚ ମାମୁନୀ ମହାନ୍ତି, ଜହ୍ନା ସରପଂଚ ସଂଯୁକ୍ତା ସାହୁ, ମୁଲାପାଳ ସଭାପତି ରାଜକିଶୋର ବେହେରା, ପଥରପଦା ସଭାପତି ସନ୍ତୋଷ ବେହେରା, ପାଣିକୋଇଲି ସଭାପତି ବିନୋଦ ଜେନା, ଗୋଳେଇପୁର ସଭାପତି କାର୍ତିକ ସାହୁ, ବଡବିରୁଆଁ ସଭାପତି ସୁବାସ ପଣ୍ଡା, ତଣ୍ଡରା ସଭାପତି ରଞ୍ଜନ ପରିଡା, କରଦା ସଭାପତି, କାର୍ତିକ ସାହୁ, ଖମଣ ସଭାପତି ଅକ୍ଷୟ ନାୟକ, ଜହ୍ନା ସଭାପତି ଜଗଦିଶ ସାହୁ, କଳ୍ପତରୁ ମହାପାତ୍ର, ସନ୍ଦୀପ ନାୟକ, ଖରସ୍‌ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ଖରସ୍‌ରୋତା ମଣ୍ଡଳ ସାଧାରଣ ସଂପାଦକ ଅଜୟ ସାହୁ, ମନୋଜ ପାତ୍ରୀ, ସୂର୍ଯ୍ୟମଣି ପଣ୍ଡା, ଶଶିକାନ୍ତ ମଲ୍ଲିକ, ପଦ୍ମଲୋଚନ ମଲ୍ଲିକ, ଲକ୍ଷ୍ମୀଧର କରଣ, ଗୋପାଳ ସେଠାଙ୍କ ସମେଜ ଦଳର ସମସ୍ତ କର୍ମୀମାନେ ଉପସ୍ଥିତ ଥିଲେ ।

ଛେଣ୍ଡିପଦା ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା -୨୦୨୬

ଛେଣ୍ଡିପଦା୧୫।୧୧: ଅନୁଗୋଳ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଛେଣ୍ଡିପଦା ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା - ୨୦୨୬ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖ ପାର୍କିଂ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଅରବିନ୍ଦ ବେହେରା ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗଷ୍ଟି ବେହେରା ଯୋଗ ଦେଇ ଆନୁଷ୍ଠାନିକ ଭାବେ ମେଳା ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ସମିତି ସଭ୍ୟ ଅମିତା ପ୍ରଧାନ, ସମ୍ବଲପୁର ଏମ ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପ୍ରତିନିଧି ବିଜୟ କୁମାର ମାଝୀ, ବରିଷ୍ଠ ନେତା ଚୌଧୁରୀ ପ୍ରଧାନ, ଗୋପବନ୍ଧୁ



ବଅଁରପାଳ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ

ଅନୁଗୋଳ(ନିପ୍ର) : ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବଅଁରପାଳ ବ୍ଲକ ଠାରେ ଅନୁଗୋଳ ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଶ୍ରୀଯୁକ୍ତ ଅଗଷ୍ଟି ବେହେରାଙ୍କ ଉପସ୍ଥିତିରେ ବ୍ଲକସ୍ତରୀୟ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଅନୁଗୋଳ ବିଧାୟକ ଶ୍ରୀ ପ୍ରଧାନ ଓ ବିଧାୟକ ଶ୍ରୀଯୁକ୍ତ ବେହେରା ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବଅଁରପାଳ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ୩୦୯୩ ଜଣ ଯୋଗ୍ୟ ହିତାଧିକାରୀମାନଙ୍କୁ ୨୦୦୦/- ଟଙ୍କା ଲେଖାଏଁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିଥିଲେ । ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ପ୍ରଧାନ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରିବା ସହିତ ସମାଜର ବରିଷ୍ଠନାଗରିକ, ବିଧବା ମହିଳା, ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିମାନଙ୍କୁ ସାମାଜିକ ଓ ଆର୍ଥିକ ସୁରକ୍ଷା ଯୋଗାଇଦେବା ସରକାରଙ୍କ ଏକଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣମୂଳକ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ । ଯୋଗ୍ୟ ହିତାଧିକାରୀମାନେ ଯେପରି ନିୟମିତ ଭାବେଭତ୍ତା ପାଇପାରିବେ ସେଥିପ୍ରତି ପ୍ରଶାସନ ଯବାନ ହେବା ଆବଶ୍ୟକ ବୋଲି ଶ୍ରୀଯୁକ୍ତ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଶ୍ରୀଯୁକ୍ତ ପ୍ରଧାନ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହାର ଶ୍ରେୟ ଦେଇଥିଲେ । ଜନକଲ୍ୟାଣ ଓ ସାମାଜିକ ସୁରକ୍ଷାକୁ ପ୍ରାଥମିକତାକୁ ଦେଇ ଯୋଗ୍ୟହିତାଧାକାରୀଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବା ପାଇଁ ଏଭଳି ଏକ ପଦକ୍ଷେପକୁ ପଞ୍ଚାୟତବାସୀ ସ୍ୱାଗତ କରିବାସହିତ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ଓ ସମ୍ବଲପୁର ସାଂସଦ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ,ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ଅନୁଗୋଳ ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଶ୍ରୀଯୁକ୍ତଅଗଷ୍ଟି ବେହେରାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।ଏହି କାର୍ଯ